

ଭୁବନେଶ୍ୱର ଇସ୍କନ ମନ୍ଦିର ପକ୍ଷରୁ ଅନୁଷ୍ଠିତ ବାହୁଡ଼ାଯାତ୍ରା।



କିସ୍ ଶ୍ରୀବାଣୀ କ୍ଷେତ୍ରରେ ଅନୁଷ୍ଠିତ ବାହୁଡ଼ାଯାତ୍ରାରେ ଶ୍ରଦ୍ଧାଳୁମାନେ ତିନି ଠାକୁରଙ୍କ ରଥକୁ ଟାଣି ନେଉଛନ୍ତି।










# ରାଜଧାନୀରେ ବାହୁଡ଼ାଯାତ୍ରା

**ଭୁବନେଶ୍ୱର,୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)**

ଭକ୍ତଙ୍କ ମେଳରେ ବାହୁଡ଼ିଛନ୍ତି ତିନି ଠାକୁର। ନଅ ଦିନର ରହଣି ସାରି ଗୁଣ୍ଡିଚା ମନ୍ଦିରରୁ ସ୍ୱମନ୍ଦିର ଫେରିଆସିଛନ୍ତି ମହାବାହୁ। ରାଜଧାନୀ ଭୁବନେଶ୍ୱରରେ ୫୦ରୁ ଅଧିକ ସ୍ଥାନରେ ରଥଯାତ୍ରା ହୋଇଥିବାବେଳେ ସୋମବାର ବାହୁଡ଼ା ଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡ଼ିଥିଲା ସମଗ୍ର ସହର। ସ୍ଥାନେ ସ୍ଥାନେ ସୁସଜ୍ଜିତ ରଥରେ କେଉଁଠି ତିନି ଠାକୁର ବିରାଜମାନ ହୋଇଥିଲେ ତ ଆଉ କେଉଁଠି ଗୋଟିଏ ରଥରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଭକ୍ତଙ୍କ ସହ ବାହୁଡ଼ିଥିଲେ। ନାମ ସଙ୍କୀର୍ତ୍ତନ, ଘଣ୍ଟ ଘଣ୍ଟା, ହୁଳହୁଳି, ହରିବୋଲରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଇସ୍କନରେ ଅପରାହ୍ନ ୧ଟାରେ ପହଣ୍ଡି, ୨ଟା ୩୦ରେ ଭକ୍ତି ଗୌରବ ନାରାୟଣ ସ୍ୱାମୀ ମହାରାଜା ଛେରାପହଁରା କରିବା ପରେ ୩ଟା ୩୦ରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟା ୬ଟା ପାଖାପାଖି ରଥ ଇସ୍କନ ମନ୍ଦିରରେ ପହଞ୍ଚିଥିଲା। ବୁଧବାର ଅପରାହ୍ନ ୫ଟାରେ ସୁନାବେଶରେ ଦର୍ଶନ ଦେବେ ଠାକୁର। ଶ୍ରୀବାଣୀକ୍ଷେତ୍ରରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟା ୩୦ରେ ଛେରାପହଁରା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥକୁ ଟାଣିଥିଲେ। ସେହିପରି ରାଜଧାନୀ ଉପକଣ୍ଠରେ ମଧ୍ୟ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହୋଇଥିଲା।



















# ବାଲିଅନ୍ତା: ବର୍ଷା ପାଣିରେ ରଥ ଟାଣିଲେ



**ବାଲିଅନ୍ତା,୧୫।୭(ନୀଳମାଧବ ସାହୁ)**

ରାଜଧାନୀ ଉପକଣ୍ଠ ବାଲିଅନ୍ତା ଓ ଏହାର ଆଖପାଖ ଅଞ୍ଚଳରେ ସୋମବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲିଅନ୍ତା ପଞ୍ଚାୟତ ଅଧୀନ ପାଟଣା, ଅଟଳା, ଅଣ୍ଡିଲୋ, ବେଣ୍ଟପୁର ଗ୍ରାମର ଖୁଣ୍ଟିଆ ସାହି, ଶ୍ରୀଜଗନ୍ନାଥ ଛକ, ଭିଙ୍ଗାରପୁର, ଧଳାହାର ଓ ନହରକଣ୍ଟା ଆଦି ସ୍ଥାନରେ ପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାରମ୍ପରିକ ରୀତିନୀତି ଅନୁଯାୟୀ ଆୟୋଜିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବର୍ଷାରେ ଭିଜି ଭିଜି ରଥକୁ ଟାଣି ଟାଣି ନେଇଥିଲେ। ଅଣ୍ଡିଲୋରେ ରାସ୍ତାରେ ଜମିଥିବା ବର୍ଷାପାଣିରେ ରଥଟଣା ହେଉଥିଲା। ବେଣ୍ଟପୁର ଖୁଣ୍ଟିଆ ସାହିସ୍ଥିତ ପତିତପାବନ ବାନା ଗୋସାଇଁ ମହାକାଳୀ ମଠ ପକ୍ଷରୁ ଆୟୋଜିତ ବାହୁଡ଼ା ଯାତ୍ରା ପତି ସାହିରୁ ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ରଥକୁ ଟେନସନ ରୋଡ଼, ବଢେଇ ସାହି, ଲେଙ୍କା ସାହି, ରାମଲୀଳା ଛକ, ଗଡ଼ ସାହି ଓ ଜୟ ମଙ୍ଗଳ ସାହି ଦେଇ ଟାଣି ଟାଣି ନେଇ ମଠରେ ପହଞ୍ଚାଇଥିଲେ। ବାବା ନାଲୁ ଦାସଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଅଞ୍ଚଳର ଯୁବକ ମାନେ ବାହୁଡ଼ା ଯାତ୍ରାକୁ ପରିଚାଳନାରେ ସହଯୋଗ କରିଥିଲେ।

## ରଘୁନାଥପୁରରେ ରଥ ଟାଣିଲେ ଶହଶହ ଶ୍ରଦ୍ଧାଳୁ

**ବାରଙ୍ଗ,୧୫।୭(ଲିଙ୍ଗରାଜ ରାଉତ)**

ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାର ବାହୁଡ଼ାଯାତ୍ରା ଉପଲକ୍ଷେ ସୋମବାର ରଘୁନାଥପୁରସ୍ଥିତ ମାଉସୀମା ମନ୍ଦିରରୁ ନନ୍ଦନକାନନ ଛକସ୍ଥିତ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ସମସ୍ତ ରୀତିନୀତି ସହ ରଥଟଣା ସମ୍ପୂର୍ଣ୍ଣ ହୋଇ ସନ୍ଧ୍ୟାରେ ପହଞ୍ଚିଛି। ଭୋର ୫ଟା ୩୦ରେ ସୂର୍ଯ୍ୟପୂଜା, ୬ଟାରେ ଦ୍ୱାରପାଳ ପୂଜା, ସକାଳଧୂପ, ବଲ୍ଲଭ, ମଧ୍ୟାହ୍ନ ୧୨ଟାରେ ଖେଚୁଡ଼ି ଭୋଗ, ସାଢେ ୩ଟାରେ ପହଣ୍ଡି, ୪ଟାରେ ଛେରା ପହଁରା, ସାଢେ ୪ଟାରେ ଚାରମାଳ ଫିଟା ଯାଇ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ପରେ ଶହଶହ ଶ୍ରଦ୍ଧାଳୁ ନନ୍ଦନକାନନ ମୁଖ୍ୟରାସ୍ତାରେ ରଥକୁ ଟାଣି ଟାଣି ନେଇଥିଲେ। ସେହିଭଳି ମୁଣ୍ଡଳି, ତଳଗଡ଼, ନରାଜ, ବ୍ରାହ୍ମଣୀଗାଁ, ମଧୁବନ, ମୁଣ୍ଡମୁହାଣ, କଣ୍ଟାପାଟଣା, ବେଣ୍ଟକାରପଡ଼ା, ଫୁଲପୋଖରୀ, ପଦାସାହି ଆଦି ସ୍ଥାନରେ ବାହୁଡ଼ାଯାତ୍ରା ଶାନ୍ତଶୃଙ୍ଖଳାର ସହ ସରିଛି। କେତେକ ସ୍ଥାନରେ ବାଜା, ଘଣ୍ଟ, କାହାଳି, ସଂକୀର୍ତ୍ତନର ବିରାଟ ପଟୁଆର ରଥ ଆଗରେ ଯାଉଥିବାବେଳେ ଶ୍ରଦ୍ଧାଳୁମାନେ ଝିପିଝିପି ବର୍ଷାକୁ ଖାତିର ନ କରି ରଥଟାଣିଥିଲେ।



**ଅଜଗରକୁ ଧରି ଜଙ୍ଗଲରେ ଛାଡ଼ିଲେ**

ନିରାକାରପୁର,(ମାନସ ଚନ୍ଦ୍ର ପଟ୍ଟନାୟକ): ୧୬ନମ୍ବର ଜାତୀୟ ରାଜପଥର ବଡ଼ପୋଖରିଆ ଛକସ୍ଥିତ ଅଟୋଷ୍ଟାଣ୍ଡରୁ ଏକ ଅଜଗର ସାପକୁ ଧରି ସ୍ଥାନୀୟବାସିନ୍ଦାଙ୍କ ସମେତ କେତେଜଣ ଅଟୋଚାଳକ ସ୍ଥାନୀୟ ବାଉତି ମନ୍ଦିରସ୍ଥିତ ଜଙ୍ଗଲରେ ଛାଡିଛନ୍ତି। ଏହି ସାପର ଲମ୍ବ ୧୫ଫୁଟ ହେବ। ସୂଚନା ମୁତାବକ, ସାପଟି ଏକ ଠେକୁଆକୁ ଗିଳିଦେବାରୁ ଯାଇ ନ ପାରି ଅଟୋଷ୍ଟାଣ୍ଡଠାରେ ଅଟକି ରହିଥିଲା। ପରେ ସ୍ଥାନୀୟବାସୀଙ୍କ ସମେତ ଷ୍ଟାଣ୍ଡର କେତେଜଣ ଚାଳକ ଏନେଇ ଟାଙ୍ଗୀ ବନବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀମାନେ ଆସିବା ବିଳମ୍ବ ହେବାରୁ ସ୍ଥାନୀୟଲୋକଙ୍କ ସମେତ କେତେଜଣ ଅଟୋଚାଳକ ସାପଟିକୁ ଧରି ଜଙ୍ଗଲରେ ଛାଡ଼ିଦେଇଥିଲେ।



# ନବଦିନାତ୍ମକ ଯାତ୍ରା ସାରି ବାହୁଡ଼ିଲେ ପୂର୍ଣ୍ଣବିଗ୍ରହ

ଖୋର୍ଦ୍ଧା,୧୫।୭(ପ୍ରଭାତ ପାଣିଗ୍ରାହୀ)



ନବଦିନାତ୍ମକ ଯାତ୍ରା ସାରି ବାହୁଡିଛନ୍ତି ଶ୍ରୀଅନନ୍ତ ପୁରୁଷୋତ୍ତମ(ପୂର୍ଣ୍ଣବିଗ୍ରହ)। ଭକ୍ତମାନେ ରଥକୁ ଟାଣି ନେଇ ମନ୍ଦିର ସିଂହଦ୍ୱାର ଆଗରେ ଲଗାଇଥିଲେ। ସନ୍ଧ୍ୟା ୬ଟା ସୁଦ୍ଧା ରଥ ମନ୍ଦିର ନିକଟରେ ଲାଗିଥିଲା। ଜାଗୁଳିପାଟଣା ଦାଣ୍ଡ ପାଲଟିଥିଲା ବଡ଼ଦାଣ୍ଡ। ପ୍ରାୟ ୫୦ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଜୟଜୟକାର, ଘଣ୍ଟ, ବିଜେ କାହାଳୀ ଆଦି ବାଦ୍ୟଯନ୍ତ୍ରରେ ପ୍ରକମ୍ପିତ ହୋଇଥିଲା ଜାଗୁଳିପାଟଣା ଦାଣ୍ଡ। ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡିଥିଲେ ଭକ୍ତ। ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ମୁଖରେ ରହିଥିଲା ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଜୟ।

ସୋମବାର ଭୋର ୪ଟା ଦ୍ୱାରଫିଟା ନୀତି, ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ବାହୁଡ଼ା ପହଣ୍ଡି ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞାମାଳ ରଥରେ ଲାଗି କରାଯାଇଥିଲା। ଅପରାହ୍ନ ୨ଟାରେ ଆରମ୍ଭ ହୋଇଥିଲା ପହଣ୍ଡି। ଧାଡ଼ି ପହଣ୍ଡିରେ ଆସି ଶ୍ରୀଜୀଉମାନେ ରଥାରୂଢ଼ ହୋଇଥିଲେ। ପ୍ରଥମେ ଶ୍ରୀସୁଦର୍ଶନ ରଥାରୂଢ଼ ହେବା ପରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ରଥାରୂଢ଼ ହେବା ପରେ କାଳିଆ ସାଆନ୍ତଙ୍କ ଆରମ୍ଭ ହୋଇଥଲା ପହଣ୍ଡି। ଝୁଲି ଝୁଲି ଆସି ମହାପ୍ରଭୁ ରଥାରୂଢ଼ ହୋଇଥିଲେ। ପରେ ରଥରେ ଠାକୁରମାନଙ୍କୁ ରୁନ୍ଧାଯାଇ ବେଶଲାଗି ପରେ ଅନ୍ୟାନ୍ୟ ନୀତି ହୋଇଥିଲା। ୪ଟାରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ରଥରେ ଛେରାପହଁରା ନୀତି ସହ ତିନି ଠାକୁରଙ୍କ ବନ୍ଦାପନା ଓ ଆଳତି କରିଥିଲେ। ପରେ ଚାରମାଳ ଫିଟାଯାଇ ସାରଥି ଏବଂ ଘୋଡାଯୋଚା ଯାଇଥିଲା। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ମନ୍ଦିର ନିକଟରେ ମହାଲକ୍ଷ୍ମୀ ଭେଟ ନୀତି ସମ୍ପନ୍ନ ହୋଇଥିଲା । ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ସହ ବନ୍ଦାପନା କରାଯାଇଥିଲା। ଶତାଧିକ ଭକ୍ତ ମହାପ୍ରଭୁଙ୍କ ରଥକୁ ଟାଣି ନେଇ ମନ୍ଦିର ନିକଟରେ ପହଞ୍ଚାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପ୍ରାୟ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲା।



ଜଟଣୀ କୁଦିଆରୀ ଗ୍ରାମସ୍ଥିତ ପତିତପାବନ ଦେବଙ୍କ ବାହୁଡ଼ାଯାତ୍ରା।




ଜଟଣୀ ହାଟବଜାରସ୍ଥିତ ଗୋପୀନାଥପୁରସ୍ଥିତ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା।



କୃଷ୍ଣପ୍ରସାଦ ପାରିକୁଦଗଡ଼ ଇପିଙ୍ଗସାହିସ୍ଥିତ ଦଧିବାମନଦେବ ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।



ବାହୁଡ଼ାଯାତ୍ରା ଅବସରରେ ଜଟଣୀ ବାଛରାପାଟଣାଠାରେ ଛେରାପହଁରା କରାଯାଉଛି।



ବାହୁଡ଼ାଯାତ୍ରା ଅବସରରେ ଗମ୍ଭାରୀମୁଣ୍ଡା ବଜାରଠାରେ ପିଲାମାନେ ରଥ ଟାଣୁଛନ୍ତି।।




ବୋଲଗଡର ତୃତୀୟାଦେବଙ୍କ ବାହୁଡ଼ାଯାତ୍ରା।



ଗଡ଼ଖୋର୍ଦ୍ଧା।



ଜଟଣୀ ଜାମୁକୋଳିସ୍ଥିତ ଲବଣଗିରିଠାରେ ଅନୁଷ୍ଠିତ ବାହୁଡ଼ାଯାତ୍ରା।

**ସଂକ୍ଷେପରେ**

## ଝରକା ତାଡ଼ି ଘରୁ ନେଇ ଗଲେ ଅଳଙ୍କାର, ଟଙ୍କା

ବେଗୁନିଆ,୧୫।୭
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ଗଡ଼ମାଣତିର ଗ୍ରାମରେ ବଡଧରଣର ଚୋରି ହୋଇଛି। ରବିବାର ବିଳମ୍ବିତ ରାତିରେ ପ୍ରଫୁଲ୍ଲ ମଙ୍ଗରାଜଙ୍କ ଘରେ ପଶି ଲୁଟେରାମାନେ ଲକ୍ଷାଧିକ ଟଙ୍କାର ଅଳଙ୍କାର ସହ ଟଙ୍କା ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ପ୍ରଫୁଲ୍ଲ ଏବଂ ତାଙ୍କ ସ୍ତ୍ରୀ ରାତିରେ ଶୋଇଥିଲେ। ପ୍ରଫୁଲ୍ଲଙ୍କ ପୁଅ ଏବଂ ବୋହୂ ଭୁବନେଶ୍ୱରରେ ରହୁଛନ୍ତି। ଏହାର ସୁଯୋଗ ନେଇ ବଡ଼ପୁଅଙ୍କ କୋଠରିର ଝରକା ତାଡି ଲୁଟେରାମାନେ ଘରେ ପଶିଥିଲେ। ଗଡରେଜ ଭାଙ୍ଗି ଏକ ଭ୍ୟାନିଟ୍‌ରେ ଥିବା ସୁନାଅଳଙ୍କାର ଏବଂ ଟଙ୍କା ନେଇ ଲୁଟେରାମାନେ ପଳାଇଛନ୍ତି। ଘର ନିକଟରେ ମାରଣାସ୍ତ୍ର ଏବଂ ଭ୍ୟାନିଟ୍ ବ୍ୟାଗ ଲୁଟେରାମାନେ ଛାଡି ଯାଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, ଅଭିଯୋଗ ପରେ ତଦନ୍ତ ଚାଲିଛି।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ବେଗୁନିଆ,୧୫।୭(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ପରିଛଳ ଗ୍ରାମର ରତ୍ନାକର ପ୍ରଧାନ(୩୫)ଙ୍କ ଛାତିରେ ଯନ୍ତ୍ରଣା ହେବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବେଗୁନିଆ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବିଧାୟକ ପ୍ରଦୀପ କୁମାର ସାହୁ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ୨୭୧ ଅଭିଯୋଗ ଶୁଣିଲେ ଜିଲାପାଳ




ଟାଙ୍ଗୀ,୧୫।୭(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୨୭୧ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ତନ୍ମଧ୍ୟରୁ ୨୬୧ଟି ବ୍ୟକ୍ତିଗତ, ୫ଟି ସାମୂହିକ ଅଭିଯୋଗ ରହିଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୩ଜଣ ହିତାଧିକାରୀଙ୍କୁ ୧୦ହଜାର ଟଙ୍କା ଲେଖାଏ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ୨ଜଣଙ୍କୁ ବିଧବା ଭତ୍ତା ଓ ଜଣେ ଭିନ୍ନକ୍ଷମଙ୍କୁ ତିନିଚକିଆ ସାଇକେଲ ପ୍ରଦାନ କରାଯାଇଛି। ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏହି ଜନ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଡ.ବାଦଲ ମହାନ୍ତି, ଉପଜିଲାପାଳ ଦୀପ୍ତି ରଞ୍ଜନ ସେଠୀ, ଡେପୁଟି କଲେକ୍ଟର ଦେବଦତ୍ତ କର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରାଜଲକ୍ଷ୍ମୀ ପଟ୍ଟନାୟକ, ବିଡିଓ ରେସମା ଟେଟେ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଗାଈକୁ ଧକ୍କା ଦେଇ ଓଲଟିଲା ଅଟୋ

ଯାଁଳା,୧୫।୭(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଯାଁଳା ଗ୍ରୀନ୍‌ପାର୍କ ସମ୍ମୁଖରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଏକ ଗାଈକୁ ଧକ୍କାଦେଇ ଅଟୋ ଓଲଟି ପଡିବା ଫଳରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଖୋର୍ଦ୍ଧା ଗୟାବନ୍ଧର ରତ୍ନାକର ଶ୍ରୀଚନ୍ଦନ। ଚିକିତ୍ସା ପାଇଁ ତାଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଯାଇଥିଲା। ସୂଚନା ମୁତାବକ, ଅପରାହ୍ନ ୨ଟାରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଏକ ଅଟୋ କେତେଜଣ ଯାତ୍ରୀଙ୍କୁ ନେଇ ଆସୁଥିଲା। ଇନ୍‌ଫୋସିସ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଗ୍ରୀନ ପାର୍କ ନିକଟରେ ଏକ ଗାଈ ହଠାତ୍ ପଶିଯିବାରୁ ଅଟୋଟି ଗାଈକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ଶ୍ରୀଚନ୍ଦନ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ସାମାନ୍ୟ ଆହତ ହୋଇଥିଲେ। ଖବରପାଇ ଇନଫୋସିସ୍ୟାଲି ଥାନା ପିସିଆର ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲ ପଠାଇଥିଲା।

## ମଣ୍ଡି ବ୍ୟବସ୍ଥା ସ୍ୱଚ୍ଛ, ସୁବ୍ୟବସ୍ଥିତ ହେବ

ଖୋର୍ଦ୍ଧା,୧୫।୭(ପ୍ରଭାତ ପାଣିଗ୍ରାହୀ)

**ଖରିଫ ଧାନ ସଂଗ୍ରହ ପ୍ରସ୍ତୁତି ଆରମ୍ଭ**

୨୦୨୪-୨୫ ଖରିଫ ଧାନ ସଂଗ୍ରହ ପାଇଁ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଧୀନରେ ଥିବା ଚାଷୀଙ୍କ ପଞ୍ଜୀକରଣ ସୋମବାରଠାରୁ ଆରମ୍ଭ ହୋଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମୀକ୍ଷା କରାଯାଇଛି। ଜୁଲାଇ ୧୫ରୁ ୩୧ତାରିଖ ପର୍ଯ୍ୟନ୍ତ ଚାଷୀଙ୍କୁ ପଞ୍ଜୀକରଣ ଫର୍ମ ମାଗଣାରେ ଦିଆଯିବ। ଚାଷୀ ଜୁଲାଇ ୧୫ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସୋସାଇଟି ସମ୍ପାଦକଙ୍କ ପାଖରେ ଆବଶ୍ୟକ କାଗଜପତ୍ର ସହ ଦାଖଲ କରିବେ। ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଚାଷୀଙ୍କ ନାମ ଅନଲାଇନରେ ସୋସାଇଟିସମ୍ପାଦକମାନେ ଅପଲୋଡ କରିବେ। ସେପ୍ଟେମ୍ବର ୧୮ତାରିଖ ସୁଦ୍ଧା ସୋସାଇଟିରେ ଯୋଗ୍ୟ ଚାଷୀଙ୍କ ନାମ ପଞ୍ଜୀକରଣ ହେବ। ଯାଞ୍ଚ ପ୍ରକ୍ରିୟା ଶେଷ ପରେ ସେପ୍ଟେମ୍ବର ୩୦ସୁଦ୍ଧା ଚାଷୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଯେଉଁ ଚାଷୀଙ୍କ ଯେତିକି ଜମି ଅଛି, ସେ ସେତିକି ପଞ୍ଜୀକରଣ କରିବେ। ଭାଗ ଚାଷୀମାନେ ଜମି ମାଲିକଙ୍କଠାରୁ ଆଧାରକାର୍ଡ, ଫୋନ ନମ୍ବର, ଚୁକ୍ତିନାମା ଆଣିବେ। ଏହା ପରେ ଭାଗ ଚାଷୀଙ୍କ ନାମ ପଞ୍ଜୀକରଣ ହେବ। ଗତବର୍ଷ ଅଭାବୀ ବିକ୍ରି ସହ ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଟାର୍ଗେଟ ଦେବାରେ ବିଳମ୍ବରୁ ଟୋକନ ଲାପ୍ସ ଯୋଗୁ ଅନେକ ଚାଷୀ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଖରିଫ ଋତୁରେ ଚାଷୀ କିଭଳି ମଣ୍ଡିରେ ସୁବିଧାରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଜିଲା ପ୍ରଶାସନର ଦୃଷ୍ଟିଆକର୍ଷଣ କରିଛି। ଗତବର୍ଷ ନକଲି ଚାଷୀଙ୍କଠାରୁ କୁଇଣ୍ଟାଲ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ବିଭିନ୍ନ ଚାଷୀ ସଙ୍ଗଠନ ବିରୋଧ କରିଥିଲେ। ଚଳିତ ବର୍ଷ ଏହାର ପୁନରାବୃତ୍ତି ନ ଘଟିବ ସେଥିଲାଗି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ମଣ୍ଡି ବ୍ୟବସ୍ଥାରେ ସ୍ୱଚ୍ଛତା, ଦଲାଲ ମୁକ୍ତ ହେବ ବୋଲି ଜିଲାପାଳ ଚଞ୍ଚଳ ରାଣା ସୂଚନା ଦେଇଛନ୍ତି।

## ୫ଦଫା ଦାବିନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବୋଲଗଡ଼,୧୫।୭(ଦେବବ୍ରତ ହୋତା): ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୩୦ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ବିଭିନ୍ନ ସମସ୍ୟା ଯୋଗୁ ଲୋକଙ୍କୁ ଠିକ୍ ସମୟରେ ସେବା ମିଳିପାରୁ ନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳର ଭାଜପା ନେତା ତଥା ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ ୫ ଦଫା ଦାବି ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ କୁମାର ମହାଲିଙ୍ଗଙ୍କୁ ଭେଟିବା ସହ ସମସ୍ୟା ଜଣାଇଛନ୍ତି। ଭେଷଜ ବିଶେଷଜ୍ଞ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ୨୪ଘଣ୍ଟିଆ ଆଶୁ ଚିକିତ୍ସା ସୁବିଧା, ଆହାର କେନ୍ଦ୍ର ସ୍ଥାପନ, ସ୍ଥାୟୀ ଆମ୍ବୁଲାନ୍ସ ଗାଡି, ଷ୍ଟାଫନର୍ସଙ୍କ ପାଇଁ ନୂତନ ଗୃହ ନିର୍ମାଣ ଆଦି ଦାବି ରହିଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସମସ୍ୟାର ସମାଧାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଭାଜପା ନେତା ସ୍ୱାଇଁ କହିଛନ୍ତି।



## ସରକାରୀ ଜମିକୁ ଜବରଦଖଲମୁକ୍ତ କଲା ପ୍ରଶାସନ

ବୋଲଗଡ଼/କଳାପଥର,୧୫।୭
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)



ବୋଲଗଡ଼ ତହସିଲ ଅନ୍ତର୍ଗତ ଧଳାପଥର ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ଠଣାପଲ୍ଲୀ ଗ୍ରାମରେ କେତେଜଣ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରି ସେଥିରେ ବାସଗୃହ ନିର୍ମାଣ କରିଥିବାବେଳେ ସୋମବାର ବୋଲଗଡ ତହସିଲଦାର ନିବେଦିତା ପରିଡା ସେହି ଜାଗାକୁ ଜବରଦଖଲ ମୁକ୍ତ କରିଛନ୍ତି। କିଛିଦିନ ପୂର୍ବେ ଠଣାପଲ୍ଲୀ ଗ୍ରାମବାସୀ ସମ୍ପୃକ୍ତ ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ ଦାବି କରି ଖୋର୍ଦ୍ଧା ଜିଲାପାଳ ଏବଂ ସ୍ଥାନୀୟ ତହସିଲଦାରଙ୍କୁ ନିବେଦନ କରି ଏଥିରେ ବିଳମ୍ବ ହେବାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେତେବେଳେ ଉପଜିଲାପାଳ ଉଚ୍ଛେଦ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ନିର୍ବାଚନ ଆଚରଣବିଧି ଯୋଗୁ ଏହା ହୋଇପାରିନଥିଲା। ତେବେ ରାଜ୍ୟରେ ନୂତନ ସରକାର ଦାୟିତ୍ୱ ନେବା ପରେ ସମସ୍ତ ସରକାରୀ ଜମି ଜବରଦଖଲ ମୁକ୍ତ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ସୋମବାର ବୋଲଗଡ ତହସିଲଦାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଠଣାପଲ୍ଲୀ ମୌଜାର ଖାତା ନମ୍ବର ୬୬୫, ପ୍ଲଟ ନମ୍ବର ୩୪୫ ଏରିଆର ୧୦୦୦ ଡିସିମିଲ ସରକାରୀ ଜମି ଜବର ଦଖଲ ମୁକ୍ତ କରିବା ସହ ଏଥିରେ ନିର୍ମିତ ଦୁଇଟି ସ୍ଥାୟୀଗୃହକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର, ବୋଲଗଡ ଅଗ୍ନିଶମ ବିଭାଗ, ଧଳାପଥର ଫାଣ୍ଡି ପୋଲିସ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ରାଜସ୍ୱ ସର୍କଲ ଅଧୀନରେ ବହୁ ଅନାବାଦି ଓ ଗୋଚର ଜମିରେ ବାସଗୃହ ଓ ବ୍ୟବସାୟ କେନ୍ଦ୍ର ନିର୍ମାଣ ହୋଇଥିବା ନେଇ ଆଲୋଚନା ହେଉଥିବା ବେଳେ ଗ୍ରାମ୍ୟ ପୋଖରୀ ହୁଡ଼ାକୁ ମଧ୍ୟ ନିଜ କବଜାରେ ରଖିଛନ୍ତି। ଗତ ବନ୍ଦୋବସ୍ତ କାର୍ଯ୍ୟ ସମୟରେ ଅନେକ ସରକାରୀ ଜମିକୁ କେତେଜଣ ବ୍ୟକ୍ତି ଚଞ୍ଚକତା କରି ନିଜ ନାମରେ ରେକର୍ଡଭୁକ୍ତ କରିଥିବା ଅଭିଯୋଗ ହେଉଛି। ରେକର୍ଡ ଯାଞ୍ଚ କରାଗଲେ ବହୁ ମୂଲ୍ୟବାନ ଜମି ସରକାରଙ୍କ ଖାତାକୁ ଫେରିପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।



କଟକ ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିବା ତିନିରଥ।


ଚାନ୍ଦିନୀଚୌକ ଅଞ୍ଚଳରେ ମା' ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।


ରାଣୀହାଟଠାରେ ରଥକୁ ଭକ୍ତମାନେ ଟାଣୁଛନ୍ତି।

# ବାହୁଡ଼ିଲେ ଚତୁର୍ଦ୍ଧାମୂର୍ତ୍ତି

କଟକ/ଖୁଣ୍ଟୁଣୀ/ଚୌଦ୍ୱାର/ବାଙ୍କୀ/ମାହାଙ୍ଗା, ୧୫।୭ (ଶିଳ୍ପା ପ୍ରିୟଦର୍ଶିନୀ/ସଚ୍ଚିଦାନନ୍ଦ ପଣ୍ଡା/ ଆଶୁତୋଷ ଦାସ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ଯଯାତି ସିଂହ)


ମା'ଚର୍ଚ୍ଚିକାଙ୍କ ପୀଠରେ ତିନିରଥ।

ଗୁଣ୍ଡିଚା ମନ୍ଦିରରେ ୯ ଦିନର ରହଣି ପରେ ଭଉଣୀ ସୁଭଦ୍ରା ଓ ବଡ଼ଭାଇ ବଳଭଦ୍ରଙ୍କୁ ସାଙ୍ଗରେ ଧରି ସ୍ୱମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ୯ ଦିନର ଲୀଳାଖେଳା ସାରି ଭକ୍ତଙ୍କ ମେଳରେ ସୋମବାର ବାହୁଡ଼ିଛନ୍ତି କାଳିଆ ଠାକୁର। ସୁସଜ୍ଜିତ ରଥରେ ବସାଇ ଘଣ୍ଟଘଣ୍ଟା, ହୁଳହୁଳି ଓ ହରିବୋଲ ଧ୍ୱନିରେ ତିନି ଠାକୁରଙ୍କୁ ବାହୁଡାଇ ଆଣିଥିଲେ ଶ୍ରଦ୍ଧାଳୁ। ବାହୁଡା ଯାତ୍ରା ପାଇଁ କଟକ ସହର ସମେତ ବିଭିନ୍ନ ବ୍ଲକ ଅଞ୍ଚଳ ଉତ୍ସବ ମୁଖରିତ ହୋଇଥିଲା। କଟକ ରାଣୀହାଟ, ଚାନ୍ଦିନୀଚୌକ ଓ ଦୋଳମୁଣ୍ଡାଇ ଅଞ୍ଚଳରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ମନ୍ଦିରରେ ରୀତିନୀତି ପରେ ଠାକୁରଙ୍କୁ ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ରଥରେ ଛେରାପହଁରା ପରେ ଅପରାହ୍ନରେ ରଥଟଣା ଆରମ୍ଭ ହୋଇଥିଲା। ସନ୍ଧ୍ୟାସୁଦ୍ଧା ୩ ରଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସହରରେ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏଥିସହ ରାଣୀହାଟ ବଳଦେବଜୀଉ ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ଓ ଦୋଳମୁଣ୍ଡାଇ ପତିତପାବନଜୀଉ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାରେ ୱାନ୍‌ୱେ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା।

ଖୁଣ୍ଟୁଣୀ ଅଞ୍ଚଳରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀତିକାନ୍ତି ସରିବା ପରେ ସନ୍ଧ୍ୟା ସାଢେ ୫ଟାରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ଯାନବାହନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। ସେହିପରି ଗୁରୁଡିଝାଟିଆ, କୁସ୍ପଙ୍ଗି, ଗୋବରା, କପୁରସିଂହ, କଖଡ଼ି ଅଞ୍ଚଳରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଚାର୍‌ବାଟିଆ ହାଉସିଂବୋର୍ଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ନୀତି ପରେ ଠାକୁରଙ୍କୁ ପହଣ୍ଡି ଆଣି ରଥାରୂଢ଼ କରାଯାଇଥିଲା। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ରଥରେ ଛେରାପହଁରା କରିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିଥିଲେ। ସେହିପରି ଏହି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ବାଙ୍କୀର ଅଧିଷ୍ଠାତ୍ରୀ ମା'ଚର୍ଚ୍ଚିକାଙ୍କ ପୀଠରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୩ ରଥ ବାଙ୍କୀ କଚେରୀ ନିକଟସ୍ଥ ମାଉସୀ ମା' ମନ୍ଦିର ନିକଟରୁ ବାହାରି ରେଣୁକା ଯାତ୍ରୀ ନିବାସ ସମ୍ମୁଖରେ ପହଞ୍ଚି ସେଠାରେ ଅବସ୍ଥାନ କରିଛନ୍ତି। ମା' ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ। ଏହି କାର୍ଯ୍ୟକ୍ରମରେ ନଗରପାଳ ମାଣିକ ସାହୁ, ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ଉପସଭାପତି ସନ୍ତୋଷ କୁମାର ରଣା, ସମ୍ପାଦକ ଯୁଗୋଳ କିଶୋର ଭୂତ ପ୍ରମୁଖ ସହଯୋଗ କରିଥିଲେ।

ମାହାଙ୍ଗା ବ୍ଲକ ଅଞ୍ଚଳର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରସିଦ୍ଧ ଉମର ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ବାହୁଡା ଯାତ୍ରାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ରଥ ଟାଣିବା ସହ ଭକ୍ତଙ୍କୁ ଉତ୍ସାହିତ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତଦନ୍ତ ଦାବି

କଟକ ସଦର, ୧୫।୭ (ସୁଶାନ୍ତ କୁମାର ଜେନା)

**ଟିଏମ୍‌ସି ବିଦ୍ୟୁତ୍ ବିଲ୍ ପଇଠ ପ୍ରସଙ୍ଗ**

କଟକ ସଦର ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ୨୦୨୦ କରୋନା ସମୟରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ର ବିଦ୍ୟୁତ୍ ବିଲ୍ ବାବଦକୁ ଅର୍ଥ ଅଦ୍ୟାବଧି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇନାହିଁ। ଏନେଇ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀମାନେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏକ ସ୍ମାରକପତ୍ର ପ୍ରଦାନ କରି ତଦନ୍ତ ପାଇଁ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କରୋନା ସମୟରେ ପ୍ରବାସୀ ଓଡ଼ିଆଙ୍କ ରୋଗ ଚିହ୍ନଟ କରି ପ୍ରାଥମିକ ଚିକିତ୍ସା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ କଟକ ସଦର ବ୍ଲକର ବିଭିନ୍ନ ସ୍କୁଲରେ ଟିଏମ୍‌ସି ଖୋଲାଯାଇଥିଲା। ଏହାର ପରିଚାଳନା ପାଇଁ ସରକାର ପ୍ରତି କେନ୍ଦ୍ର ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଏଥିରେ ରହିବା ପାଇଁ ବିଭିନ୍ନ ଦରକାରୀ ଜିନିଷ ଓ ଫ୍ୟାନ୍ କିଣାଯାଇଥିଲା। ସ୍କୁଲ୍ ମିଟରରୁ ଏଥିପାଇଁ ବିଦ୍ୟୁତ୍ ବ୍ୟବହାର କରାଯାଇଥିଲା। ହେଲେ ୪ ମାସ ପରେ ଏହି କେନ୍ଦ୍ର ବନ୍ଦ ହୋଇଯାଇଥିଲା। ସ୍ଥାନୀୟ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ସ୍କୁଲ ମିଟରରୁ ବିଦ୍ୟୁତ୍ ବ୍ୟବହାର କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ବିଲ୍ ବାବଦ ଅର୍ଥ ପଇଠ କରିନାହାନ୍ତି। ଲାଇନ୍ କଟିଯିବା ଭୟରେ ଏହି ବ୍ଲକ ଅନ୍ତର୍ଗତ ବାରଦା ବ୍ଲକ୍ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟର ଅଭିଭାବକମାନେ ଚାନ୍ଦା ଆଦାୟ କରି ବିଲ୍ ପଇଠ କରିଥିଲେ। ୨୦୨୧ରେ ତତ୍କାଳୀନ ବିଡିଓ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ଏନେଇ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏହା ଉପରେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ପତ୍ରସଂଖ୍ୟା ୨୧୮୪୮/୧୪।୧୧।୨୦୨୨ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଇତିମଧ୍ୟରେ ଦେଢ଼ବର୍ଷ ବିତିଯାଇଥିଲେ ସୁଦ୍ଧା ଅଭିଯୋଗର ତଦନ୍ତ କରାଯାଇନାହିଁ। ଫଳରେ ମୁଖ୍ୟମନ୍ତ୍ରୀ ମାଝୀ ଏହାର ପରବର୍ତ୍ତୀ ପଦକ୍ଷେପ ନିମନ୍ତେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଉକ୍ତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ନୂଆ ସରକାର ଅଭିଯୋଗର ତଦନ୍ତ କରି ନ୍ୟାୟ ପ୍ରଦାନ କରିବେ ବୋଲି ଅଭିଭାବକମାନେ ଆଶା ରଖିଛନ୍ତି।

## ଦୃଷ୍ଟିବାଧିତ ଛାତ୍ରଙ୍କୁ ଲାପଟପ୍ ପ୍ରଦାନ

କଟକ, ୧୫।୭ (କାର୍ତ୍ତିକ ସାହୁ)

ଜିଲା ପ୍ରଶାସନ ପକ୍ଷରୁ ଜଣେ ଦୃଷ୍ଟିବାଧିତ ଛାତ୍ରଙ୍କୁ ଉଚ୍ଚତର ଅଧ୍ୟୟନ ପାଇଁ ଲାପ୍‌ଟପ୍ ପ୍ରଦାନ କରାଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଆୟୋଜିତ ଜନ ଅଭିଯୋଗ ଶୁଣାଣିରେ ତ୍ୱରିତ ଶୁଣାଣି କରାଯାଇ ଏହି ଛାତ୍ରଙ୍କୁ ଲାପଟପ୍ ଦିଆଯାଇଛି। ସେ ହେଲେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଯୁକ୍ତ ୩ କଳା ପ୍ରଥମ ବର୍ଷର ଛାତ୍ର ପ୍ରଦୀପ ମହାନ୍ତ। ଜିଲା ପ୍ରଶାସନ ପକ୍ଷରୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ କାର୍ଯ୍ୟାଳୟ ଦ୍ୱାରା ଉଚ୍ଚତର ଅଧ୍ୟୟନ ନିମନ୍ତେ ଲାପ୍‌ଟପ୍ ସ୍କିମ ମାଧ୍ୟମରେ ତାଙ୍କୁ ଏହି ଲାପ୍‌ଟପ୍ ଦିଆଯାଇଛି। ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଏହି ଲାପ୍‌ଟପ୍ ପ୍ରଦାନ କରିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅନ୍ନପୂର୍ଣ୍ଣା ସାହୁ ଓ ସରୋଜକାନ୍ତ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଶ୍ରୀରାମଚନ୍ଦ୍ର ଭବନରେ ଓଡ଼ିଶା ଲଳିତକଳା ଏକାଡେମୀ ଓ ଶିଳ୍ପୀ ଅସିତ୍ ମୁଖାର୍ଜୀ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ଅସିତ୍ ମୁଖାର୍ଜୀ ସ୍ମୃତି ସମାରୋହରେ ଚିତ୍ରଶିଳ୍ପୀ ବିଜୟ କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ପ୍ଲାଷ୍ଟିକ ସର୍ଜରି ପାଇଁ ସଚେତନତା ଆବଶ୍ୟକ

କଟକ, ୧୫।୭ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗ ପକ୍ଷରୁ ସୋମବାର ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅରୁଣ ପରିଛା, ଏସ୍‌ସିବି ମେଡିକାଲ ଅଧ୍ୟକ୍ଷ ଡା. ପ୍ରସେନ୍‌ଜିତ୍ ମହାନ୍ତି, ଅଧୀକ୍ଷକ ଡା. ସୁଧାଂଶୁ ଶେଖର ମିଶ୍ର, ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ଲାଷ୍ଟିକ୍ ସର୍ଜରି ମନୁଷ୍ୟ ଶରୀରକୁ ନୂଆ ଢାଞ୍ଚା ଦେଇଥାଏ। ଏହି ବିଷୟରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପ୍ରଚାରପ୍ରସାର ଆବଶ୍ୟକତା ରହିଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଡା. ବିଶ୍ୱଜିତ୍ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଏବଂ ଡା. ରଶ୍ମିରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ବିଭାଗର ସମସ୍ତ ଡାକ୍ତର, ସେବିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମେଗା ଉଠା ଜଳସେଚନ ପ୍ରକଳ୍ପ ତଦାରଖ କଲେ ବିଧାୟକ

ବାଙ୍କୀ, ୧୫।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ସୋମବାର ନିର୍ମାଣାଧୀନ ବୃହତ ଜଳସେଚନ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ସେ ବୈଦେଶ୍ୱର, ଜଗନ୍ନାଥପୁର, ମୁରାରୀପୁର, ବାଆଁରା, କରବର ଆଦି ସ୍ଥାନରେ ଚାଲିଥିବା ବୃହତ ଜଳସେଚନ ପ୍ରକଳ୍ପଗୁଡିକୁ ଦେଖିବା ସହ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା କିପରି ଚାଷୀ ଉପକୃତ ହୋଇପାରିବେ ସେ ବିଷୟରେ ବିଧାୟକ ତ୍ରିପାଠୀ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଷଡଙ୍ଗୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୀୟ ରଞ୍ଜନ ରାଉତ, କନିଷ୍ଠଯନ୍ତ୍ରୀ ଅବିନାଶ ପଣ୍ଡା, ପ୍ରୋଜେକ୍ଟ ମ୍ୟାନେଜର ମେଗା ଇ ଅଜୟ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଜଳସେଚନ ବିଭାଗର ମୁଖ୍ୟଯନ୍ତ୍ରୀ ମଦନମୋହନ ସାମନ୍ତରାୟ ଉପସ୍ଥିତ ରହି ଚାଷୀମାନଙ୍କ ସୁଚିନ୍ତିତ ମତାମତ ଗ୍ରହଣ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୯୩୩୩ହେକ୍ଟର ଜମି ଜଳସେଚିତ ହୋଇ ପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## 'ନିର୍ବାଚନ ପ୍ରତିଶ୍ରୁତି ପୂରଣ ହେବ'

ସାଲେପୁର, ୧୫।୭ (ଅରବିନ୍ଦ ଭୂୟାଁ)

ସାଲେପୁର ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସାଲେପୁରସ୍ଥିତ କେଶବମଣ୍ଡପଠାରେ ଭାଜପା ପକ୍ଷରୁ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କଟକ ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଏମ୍‌ପି ବୈଜୟନ୍ତ ଯୋଗଦେଇ କହିଥିଲେ, ଦେଶର ବିକାଶ ଭାଜପା ମୂଳ ଲକ୍ଷ୍ୟ। ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ନିଶ୍ଚିତ ପୂରଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏଥିରେ ସାଲେପୁର ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ଯୋଗଦେଇ ମୁଁ ଟାଙ୍ଗୀ-ସାଲେପୁର ଅଞ୍ଚଳର ବିକାଶ ପାଇଁ ସବୁ ସମୟରେ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ବୈଠକରେ ବରିଷ୍ଠ ଭାଜପା ନେତା କୁଞ୍ଜମୋହନ ସେଠୀ, କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ସଂଯୋଜକ ସଞ୍ଜୟ ରଥ, ଉପ ସଂଯୋଜକ ସତ୍ୟବାଦୀ ଚଇନୀ, ପୂର୍ବତନ ଜିଲା ସଭାପତି ଚୌଧୁରୀ ହେମନ୍ତ ସାହୁ, ସାଲେପୁର ମଣ୍ଡଳ ସଭାପତି ବିକ୍ରମ କେଶରୀ ବଳ, ଯୁବନେତା ହିମାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।


ସମ୍ବର୍ଦ୍ଧନା ସଭାରେ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ବରିଷ୍ଠ ଭାଜପା ନେତାମାନେ।

## ୫୬ ଅଭିଯୋଗରୁ ୧୮ ତ୍ୱରିତ ସମାଧାନ

କଟକ, ୧୫।୭ (କାର୍ତ୍ତିକ ସାହୁ)

**ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି**

ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅରିନ୍ଦମ ଡାକୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୮ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ମୋଟ୍ ୫୬ଟି ଅଭିଯୋଗ ଆସିଥିବାବେଳେ ସେଥିମଧ୍ୟରୁ ୫୩ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଛି। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩ଟି ଅଭିଯୋଗ ଏବଂ ରେଡ୍‌କ୍ରସ ପାଣ୍ଠିରୁ ସହାୟତା ଲାଗି ୪ଟି ଅଭିଯୋଗ ରହିଛି। ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହାନ୍ତ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ସଦର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଆରକ୍ଷୀ ଉପାୟୁକ୍ତ ଅନିଲ କୁମାର ମିଶ୍ର ପ୍ରମୁଖ ଜନଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା, ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ, ଡେପୁଟି କଲେକ୍ଟର ଜ୍ୟୋସ୍ନା ନାୟକ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଭୁ ରଞ୍ଜନ ଦାସଙ୍କ ସମେତ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଆଦି ବିଭାଗର ଯନ୍ତ୍ରୀ ଏବଂ ଅନ୍ୟ ବିଭାଗୀର ଅଧିକାରୀ ଏଥିରେ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ଅରିନ୍ଦମ ଡାକୁଆ ଓ ଅନ୍ୟମାନେ।

## ଅଗ୍ନି ନିରାପତ୍ତା ନିୟମ ପାଳୁନି ଘରୋଇ ହସ୍ପିଟାଲ

କଟକ, ୧୫।୭ (ଶିଳ୍ପା ପ୍ରିୟଦର୍ଶିନୀ)

**ଯାଞ୍ଚ ହେଲେ ଅଧିକାଂଶ ହସ୍ପିଟାଲ ବନ୍ଦ ହୋଇଯିବ**

କଟକ ସହରରେ ଘରୋଇ ହସ୍ପିଟାଲଗୁଡିକ ପରିଚାଳନା ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନିୟମାବଳୀ ରହିଛି। ହେଲେ ଏହାକୁ ଅଧିକାଂଶ ହସ୍ପିଟାଲ କର୍ତ୍ତୃପକ୍ଷ ଠିକ୍ ଭାବେ ପାଳନ କରୁ ନ ଥିବା ଅଭିଯୋଗ ହୋଇଛି। ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନୁମତି ପାଇଁ ସ୍ୱତନ୍ତ୍ର ନିୟମ ରହିଛି। ସେହି ନିୟମ ଅନୁଯାୟୀ ଅଗ୍ନି ନିରାପତ୍ତା ଅନୁମୋଦନ ପତ୍ର ପ୍ରଦାନ କରାଯାଇଥାଏ। ଅଗ୍ନି ନିରାପତ୍ତା ପାଇଁ ଅନୁମୋଦନ ପତ୍ର, ଏହାର ପରିଚାଳନା, ଯାଞ୍ଚ ପ୍ରକ୍ରିୟାକୁ ନେଇ ଅଗ୍ନିଶମ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନୁମତି ପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ବ୍ୟବସ୍ଥା ରହିଛି। ପଞ୍ଜୀକରଣ ପାଇଁ ବିଲ୍ଡିଂ ଅନୁମୋଦିତ ପତ୍ର ଆବଶ୍ୟକ, ଯାହାକି ଟାଉନ୍ ପ୍ଲାନିଂରୁ ଅନୁମୋଦିତ ପତ୍ର ରହିଥିବ ଓ ଜମିର କାଗଜପତ୍ର ନିହାତି ଆବଶ୍ୟକତା ରହିଛି। ଦ୍ୱିତୀୟରେ ବିଲ୍ଡିଂ ଉଚ୍ଚତା ଯଥା ଦୁଇ ମହଲା କୋଠା ପାଇଁ ୧୦ ହଜାର ଲିଟ୍‌ର ପାଣିଟାଙ୍କି ଛାତ ଉପରେ ରହିବା ସହ ସମସ୍ତ ମହଲାରେ ରିଲ୍ ବ୍ୟବସ୍ଥା କରାଯିବ। ସେହିପରି ୩/୪ ମହଲା କୋଠା ପାଇଁ ଭୂତଳ ଟାଙ୍କିରେ ୭୫ ହଜାର ଲିଟରର ପାଣି ରହିବା ଆବଶ୍ୟକ। ଏହାସହ ସ୍ପ୍ରିଙ୍କ୍‌ଲର୍, ସ୍ମୋକ୍ ଡିଟେକ୍ଟର୍ ଓ ଅନ୍ୟାନ୍ୟ ସାମଗ୍ରୀର ଆବଶ୍ୟକତା ରହିଛି। ଅଧିକ ଉଚ୍ଚତାର କୋଠା ହୋଇଥିଲେ ତଦନୁଯାୟୀ ଅଧିକ ସାମଗ୍ରୀର ଆବଶ୍ୟକ ପଡ଼ିଥାଏ। ହସ୍ପିଟାଲ ଚତୁଃପାର୍ଶ୍ୱରେ ସର୍ବନିମ୍ନ ୩ ମିଟର ଲେଖାଏଁ ଖାଲି ସ୍ଥାନ ରହିବା ଆବଶ୍ୟକ। ଫଳରେ କୌଣସି ହସ୍ପିଟାଲରେ ନିଆଁ ଲାଗିଲେ ରୋଗୀଙ୍କୁ ସହଜରେ ଉଦ୍ଧାର କରାଯାଇ ପାରିବ। ସେହିପରି ହସ୍ପିଟାଲରେ ଜରୁରିକାଳୀନ ପ୍ରସ୍ଥାନ ରହିବା ନିୟମ ରହିଛି। ହସ୍ପିଟାଲଗୁଡିକରେ ଏହିଗୁଡିକ ପାଳନ କରାଯାଉଛି କି ନାହିଁ ଅଗ୍ନିଶମ ବିଭାଗର ଟିମ୍ ଯାଞ୍ଚ କରିବା ପରେ ଅନୁମୋଦନ ପତ୍ର ପ୍ରଦାନ କରାଯାଇଥାଏ। ହେଲେ ବିଭିନ୍ନ ଆଳ ଦେଖାଇ ହସ୍ପିଟାଲ କର୍ତ୍ତୃପକ୍ଷ ଅନୁମୋଦନ ପତ୍ର ହାସଲ କରି ନେଉଛନ୍ତି।

ବିଭିନ୍ନ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପରିଚାଳନା ପାଇଁ ଡେମୋ ଦେଖାଇବା ନିମନ୍ତେ ପ୍ରତି ୬ ମାସରେ ଥରେ ଅଗ୍ନିଶମ ବିଭାଗକୁ ଜଣାଇବା ବାଧ୍ୟତାମୂଳକ ରହିଛି। ଯେଉଁଥିରେ ଅଗ୍ନିଶମ ଅଧିକାରୀ ହସ୍ପିଟାଲରେ ପହଞ୍ଚି ଅଗ୍ନି ନିରାପତ୍ତା ପରିଚାଳନା ସମ୍ପର୍କରେ ଶିଖାଇଥାନ୍ତି। କିନ୍ତୁ ସହରର ୮୦% ହସ୍ପିଟାଲରେ ଏହାକୁ ପାଳନ କରାଯାଉନାହିଁ। ଏପରି କି ଗଳା ବାଟରେ ଅନୁମୋଦନ ପତ୍ର ନେଇ ହସ୍ପିଟାଲ ମାଲିକମାନେ ବସି ପଡୁଛନ୍ତି। ଏବେ କଟକର ଅଧିକାଂଶ ହସ୍ପିଟାଲରେ ନିୟମ ମୁତାବକ ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର, ପାର୍କିଂ ବ୍ୟବସ୍ଥା, ଚତୁଃପାର୍ଶ୍ୱରେ ଫାଙ୍କା ସ୍ଥାନ ନଥିବା ଦେଖିବାକୁ ମିଳିଛି।

ଏ ସମ୍ପର୍କରେ କଟକର ସହକାରୀ ଅଗ୍ନି ନିରାପତ୍ତା ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, ଅଧିକାଂଶ ହସ୍ପିଟାଲ ଚତୁଃପାର୍ଶ୍ୱରେ ଖାଲି ସ୍ଥାନ ନାହିଁ। ଅଗ୍ନିଶମ ବିଭାଗ ୬ ମାସରେ ଥରେ ହସ୍ପିଟାଲରେ କର୍ମଚାରୀଙ୍କୁ ଅଗ୍ନି ନିରାପତ୍ତା ପରିଚାଳନା ନେଇ ପ୍ରଶିକ୍ଷଣ ଦେବେ। ଏହାକୁ ନେଇ ହସ୍ପିଟାଲ ପକ୍ଷରୁ ଅଗ୍ନିଶମ ବିଭାଗକୁ କୌଣସି ଯୋଗାଯୋଗ କରାଯାଉନାହିଁ। କେବଳ ପଞ୍ଜୀକରଣ କରିଥିବା ହସ୍ପିଟାଲକୁ ପ୍ରଥମ ପର୍ଯ୍ୟାୟରେ ଯାଞ୍ଚ କରି ଅନୁମୋଦନ ପତ୍ର ଦିଆଯାଉଛି। ବିଶେଷକରି ଅଧିକାଂଶ ଘରୋଇ ହସ୍ପିଟାଲ ଅଗ୍ନି ନିରାପତ୍ତା ନିୟମ ପାଳନ କରୁ ନ ଥିବା ଜଣାପଡିଛି। ଘରୋଇ ହସ୍ପିଟାଲ ସରକାରୀ ନିର୍ଦ୍ଦେଶ ଅନୁସାରେ ଯାଞ୍ଚ କରାଗଲେ ଅଧିକାଂଶ ହସ୍ପିଟାଲ ବନ୍ଦ ହୋଇଯିବ ବୋଲି ବେହେରା କହିଛନ୍ତି।

# ରାତିରେ ଟଣାହେଲା ରଥ

**ପୁରୀ,୧୫।୭(ଅଜିତ୍ ମହାନ୍ତି)**

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ତେବେ ପ୍ରଥମଥର ପାଇଁ ରାତି ୯ଟା ୧୫ରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଛି, ଯାହାକୁ ନେଇ ପ୍ରଶାସନର ଏପରି କାର୍ଯ୍ୟକୁ ନେଇ ଜଗନ୍ନାଥପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିୟମ ଅନୁସାରେ ସୂର୍ଯ୍ୟାସ୍ତ ପରେ ରଥଟଣା ବନ୍ଦ ହେବାର ବିଧି ରହିଛି। ପୁନର୍ବାର ସୂର୍ଯ୍ୟୋଦୟ ପରେ ରଥ ଉପରେ ଠାକୁରଙ୍କ କିଛି ନୀତି ସମ୍ପନ୍ନ ହୋଇ ରଥଟଣା ହୋଇଥାଏ। ମାତ୍ର ଚଳିତବର୍ଷ ପ୍ରଶାସନ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ସନ୍ଧ୍ୟା ପରେ ମଧ ୩ ରଥ ଟଣାଯାଇ ଶ୍ରୀମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ବଡ଼ ଠାକୁରଙ୍କ ରଥ ସନ୍ଧ୍ୟା ୭ଟା ୧୨ରେ, ମା’ ସୁଭଦ୍ରାଙ୍କ ରଥ ୭ ଟା ୪୧ରେ ଶ୍ରୀମନ୍ଦିର ସମ୍ମୁଖରେ ଲାଗିଥିଲା। ରାତି ୮ଟା ୨୫ରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ କରାଯାଇ ରାତି ୯ଟା ୧୫ରେ ନନ୍ଦିଘୋଷ ରଥ ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା। ନୂତନ ସରକାରଙ୍କୁ ଖୁସି କରିବାକୁ ଯାଇ ପ୍ରଶାସନ ପରମ୍ପରାକୁ ଜଳାଞ୍ଜଳି ଦେଇ ସନ୍ଧ୍ୟା ପରେ ମଧ ଲାଇଟ ଲଗାଇ ରଥ ଟାଣିଥିବା ଆଲୋଚନା ହେଉଛି। ଅପରପକ୍ଷେ ମଙ୍ଗଳବାର ସୁନାବେଶ ଅନୁଷ୍ଠିତ ହେଉ ନ ଥିବାବେଳେ ୩ ରଥ ଶ୍ରୀମନ୍ଦିର ସମ୍ମୁଖରେ ଲଗାଇବା ନିମନ୍ତେ ପ୍ରଶାସନ ଏତେ ତରବର ହୋଇ ଲାଇଟ ଲଗାଇ ରଥ ଟାଣିବାକୁ ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ରଥଯାତ୍ରାର ଇତିହାସରେ ପରମ୍ପରାକୁ ଅଣଦେଖା କରି ରାତି ୯ଟା ୧୫ରେ ରଥ ଟଣା ହୋଇ ଲାଗିବା ପ୍ରଥମ ଘଟଣା ବୋଲି ଆଲୋଚନା ହେଉଛି।



## ମହାପ୍ରଭୁଙ୍କ ପହଣ୍ଡି ସମୟରେ କିଛି ସମୟ ପାଇଁ ହେଲା ବର୍ଷା

ବାହୁଡା ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ସେବାୟତ ମାନେ ମଧ୍ୟ ମହାପ୍ରଭୁଙ୍କ ବାହୁଡା ଯାତ୍ରା ପାଇଁ ସଅଳ ନୀତି କରିଥିଲେ। ଯାହାଫଳରେ ପହଣ୍ଡି ଶୀଘ୍ର ଆରମ୍ଭ ହୋଇଥିଲା। ପହଣ୍ଡି ସମୟରେ ଖରା ଓ ଗୁଳୁଗଳି ରହିଥିବା ଦେଖିବାକୁ ମିଳିଥିଲା। ଖରା ଗୁଳୁଗୁଳିକୁ ଖାତିର ନକରି ଭକ୍ତ ମାନେ ମହାପ୍ରଭଙ୍କ ଦର୍ଶନ ପାଇଁ ଠିଆହୋଇ ରହିଥିଲେ। ତେତେ ମହାପ୍ରଭୁଙ୍କ ପହଣ୍ଡି ହୋଇ ନାକଚଣା ଦ୍ୱାର ଦେଇ ଆସିବା ପରେ ହଠାତ ଆକାଶ ମେଘାଛନ୍ନ ହୋଇଯାଇଥିଲା। ପରେ ବର୍ଷା ହୋଇଥିଲା। ଯାହା ଭକ୍ତ ମାନେ ଆଶ୍ୱସ୍ତୀ ଲାଭ କରିଥିଲେ।

## ରଥରେ ରହିଲେ ସୀମିତ ସେବାୟତ

ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ରଥ ଉପରେ ଅଧିକାଂଶ ସେବାୟତ ରହିବା ଫଳରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବାରେ ସମସ୍ୟା ହୋଇଥିଲା। ସେହିଭଳି ଆଡ଼ପ ପହଣ୍ଡି ସମୟରେ ବଡ଼ଠାକୁର ଚାରମାଳ ଉପରେ ପଡ଼ିଯିବା ପରେ ବିଭିନ୍ନ ମହଲରେ ସେବାୟତଙ୍କୁ ଆକ୍ଷେପ କରାଯାଇଥିଲା। ଯେଉଁ ପରିମାଣରେ ସେବାୟତ ରହିବା କଥା ତା’ଠାରୁ ଅଧିକ ସଂଖ୍ୟାରେ ସେବାୟତ ନୀତିକାନ୍ତିରେ ସାମିଲ ହେଉଥିବା ନେଇ ଅଭିଯୋଗ ଆସିଥିଲା। ଯାହାଫଳରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ନୀତିକ୍ରାନ୍ତି ଉପରେ ଗୁରୁତ୍ୱ ଦିଆଯିବା ସହ ଆବଶ୍ୟକ ପାଳିଆ ସେବାୟତଙ୍କ ବ୍ୟତୀତ ଅନ୍ୟ ସେବାୟତ ରଥ ଉପରେ ରହିବା ଉପରେ ପ୍ରଶାସନ କଟକଣା ଜାରି କରିଥିଲା। ତେଣୁ ବାହୁଡ଼ା ଯାତ୍ରା ସମୟରେ ଗୁଣ୍ଡିଚା ଯାତ୍ରା ଅପେକ୍ଷା ରଥ ଉପରେ କମ୍ ସଂଖ୍ୟକ ସେବାୟତ ଥିବା ଦୃଷ୍ଟି ଗୋଚର ହୋଇଥିଲା। କମ୍ ସେବାୟତ ଥିବାରୁ ଭକ୍ତମାନେ ରଥାରୂଢ ଶ୍ରୀବିଗ୍ରହଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ।



## ସାଧୁସନ୍ଥଙ୍କ ହାତରେ ବଡ଼ ଧୂପକାଠି

ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମୟରେ ଶରଧା ବାଲି ରେ ଜଳିଲା ବଡ଼ ଧୂପକାଠି। କିଛି ସାଧୁସନ୍ଥ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ବଡ଼ ଧୂପ କାଠି ଜାଳିଥିବା ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ବର୍ଷ ଗୁଣ୍ଡିଚା ଏବଂ ବାହୁଡ଼ା ଅବସରରେ ମହାପପ୍ରଭୁଙ୍କ ଉଦ୍ଦେଶ୍ୟରେ ଏହି ବଡ଼ ଧୂପକାଠି ରଥ ସମ୍ମୁଖରେ ଜାଳୁଥିବା ସାଧୁସନ୍ଥ ମାନେ କହିଛନ୍ତି। ଏନେଇ ଭୈରବାନନ୍ଦ ବାବା କହିଛନ୍ତି, ପ୍ରତ୍ୟେକ ବର୍ଷ ୧୦ କିମ୍ବା ୧୫ ଫୁଟ୍‌ର ଧୂପ କାଠି ପ୍ରଜ୍ୱଳନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରିଥାନ୍ତି। ପ୍ରତିବର୍ଷ କର୍ନାଟକ ମହୀଶ୍ୱରଠାରୁ ମହାପ୍ରଭୁଙ୍କ ନିମନ୍ତେ ସୁଗନ୍ଧିତ ଧୂପ କାଠି ଆଣିଥାନ୍ତି। ଚଳିତ ବର୍ଷ ୧୨ଫୁଟ ଉଚ୍ଚତାର ଧୂପକାଠି ଆଣି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହି ଧୂପକାଠି ୫୬ ଘଣ୍ଟାରୁ ୭୨ ଘଣ୍ଟା ପର୍ଯ୍ୟନ୍ତ ଜଳିବ ବୋଲି ସାଧୁମାନେ କହିଛନ୍ତି। ମହାପ୍ରଭୁଙ୍କ ସେବାରେ ବଡ଼ ପଣ୍ଡା, ବଡ଼ ଦେଉଳ ବଡ଼ ଦାଣ୍ଡ, ବଡ଼ ନେତ ରହିଛି ତେଣୁ ମହାପ୍ରଭୁଙ୍କ ଯାତ୍ରାରେ ବଡ଼ ଧୂପ ଲଗାଯାଇଛି। ତିନିଗୋଟି ବଡ଼ ଧୂପ ଆସିଛି ବୋଲି ସନ୍ଥ କହିଛନ୍ତି।

## ଅଣସେବାୟତଙ୍କୁ ଧରିଲେ ମୁଖ୍ୟ ପ୍ରଶାସକ

ଅନେକ ସମୟରେ ରଥ ଉପରେ ଅଣସେବାୟତ ରହିବାକୁ ନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିଲା। ରଥ ଉପରେ ଅଣସେବାୟତଙ୍କ ବାରଣ ହୋଇଥିବାବେଳେ ବାହୁଡ଼ା ଯାତ୍ରାରେ ଜଣେ ଅଣସେବାୟତଙ୍କୁ ମୁଖ୍ୟ ପ୍ରଶାସକ ଧରିଥିବା ଜଣାପଡ଼ିଛି। ମୁଖ୍ୟ ପ୍ରଶାସକ ନିଜେ ଉପସ୍ଥିତ ରହି ସମସ୍ତ ଘଟଣା ଉପରେ ନଜର ରଖିଥିଲେ। ସେ ସମୟରେ ମା’ ସୁଭଦ୍ରାଙ୍କ ଦର୍ପଦଳନ ରଥ ଉପରେ ଜଣେ ଅଣସେବାୟତ ବସିଥିବା ମୁଖ୍ୟ ପ୍ରଶାସକଙ୍କ ଦୃଷ୍ଟିଗୋଚର ହେବା କ୍ଷଣି ଉକ୍ତ ଅଣସେବାୟତଙ୍କୁ ରଥ ତଳକୁ ଆଣି ତାଙ୍କର କାର୍ଡ ନେବା ସହ ରଥ ବାହାରକୁ ନେଇ ଯାଇଥିଲେ।

## ପ୍ଲାଷ୍ଟିକ ପାହାଡ଼ ସହ ବଡ଼ଦାଣ୍ଡ ବିଭିନ୍ନ ଖାଦ୍ୟପତ୍ରରେ ଭର୍ତ୍ତି

ବାହୁଡା ଯାତ୍ରାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କୁ ସାଙ୍ଗରେ ଧରି ଆଡ଼ପ ମଣ୍ଡପରୁ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ବିଜେ କରିଛନ୍ତି। ତେବେ ବାହୁଡ଼ା ଯାତ୍ରା ସମୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କୁ ଖାଦ୍ୟ ଏବଂ ପାନୀୟ ଯୋଗାଇ ଦିଆଯାଇଥିଲା। ଭକ୍ତମାନେ ଖାଦ୍ୟ ଖାଇ ପତ୍ର ଏବଂ ପାଣି ବୋତଲଗୁଡ଼ିକୁ ଏଣେ ତେଣେ ପକାଇଥିବା ଦେଖିବାକୁ ମିଳିଥିଲା।

## ଆକର୍ଷଣୀୟ ହେଲା କୁନି ରଥ

ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ସୋମବାର ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ସମଗ୍ର ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥମୟ ହୋଇ ଉଠିଛି। ପ୍ରତ୍ୟକ୍ଷ ଭାବରେ ଭକ୍ତ ଏବଂ ଭଗବାନଙ୍କ ମିଳନ ହୋଇଛି। ଶ୍ରୀଗୁଣ୍ଡିଚା ଯାତ୍ରାପରି ମହାପ୍ରଭୁଙ୍କ ବାହୁଡ଼ାଯାତ୍ରାର ଅନ୍ୟତମ ଆର୍କଷଣ ସାଜିଥିଲା କୁନି ରଥ। ପୁରୀର ବିଭନ୍ନ ସାହିରୁ ଛୋଟ ଛୋଟ ନନ୍ଦିଘୋଷ ରଥ ବହାରିଥିଲା। ରଥ ପଛେପଛେ କୁନି ରଥକୁ ଭିଡ଼ି ନେଉଥିଲେ ଭକ୍ତ ଓ କୁନି ପିଲା। ପୁରୀ ବଡ଼ ଦାଣ୍ଡରେ ୧୫ରୁ ଅଧିକ କୁନି ରଥ ଗଡୁଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ବେଶ୍ ଆକର୍ଷଣ ଲାଗିଥିଲା ଧଳା ରଙ୍ଗର କୁନି ରଥ, ଯେଉଁଥିରେ ବିଭିନ୍ନ ପ୍ରକାର ଷ୍ଟୋନ ଆଦି ଲାଗିଥିଲା।

## ପୋଡ଼ପିଠାକୁ ନେଇ ବିବାଦ



ବାହୁଡ଼ା ଯାତ୍ରାରେ ଶ୍ରୀମନ୍ଦିର ଅଭିମୁଖେ ଠାକୁରମାନେ ବାହୁଡ଼ିବା ସମୟରେ ବଡ଼ଦାଣ୍ଡରେ ଥିବା ମାଉସୀ ମା’ଙ୍କ ମନ୍ଦିରରେ ପୋଡ଼ପିଠା ଖାଇଥାନ୍ତି। ତେବେ କିଛି ବର୍ଷ ହେବ ପୋଡ଼ପିଠା ଭୋଗ ମଣୋହି ଅଧିକାରକୁ ନେଇ ୨ ସେବାୟତ ପରିବାର ଯଥା ମନୋରଞ୍ଜନ ମିଶ୍ର ଓ ବିଶ୍ୱନାଥ ମିଶ୍ରଙ୍କ ମଧରେ ବିବାଦ ରହିଛି। ଯାହାକୁ ନେଇ ମାମଲା ମଧ ଚାଲିଛି। ତେବେ ଉଭୟ ପରିବାର ପୋଡ଼ପିଠା ପ୍ରସ୍ତୁତ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଭୋଗ ମଣୋହି କରିଥାନ୍ତି। ତେବେ ୨୦୨୨ରେ ପୋଡ଼ପିଠାକୁ ମଣୋହିକୁ ନେଇ ୨ ପରିବାର ମଧରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ତେବେ ଚଳିତବର୍ଷ ମନୋରଞ୍ଜନ ଜୀବନ ପ୍ରତି ବିପଦଥିବା ଦର୍ଶାଇ ପୋଲିସଠାରୁ ସହଯୋଗ ମାଗିଥିଲେ। ତେବେ ସୁଭଦ୍ରାଙ୍କ ରଥ ମାଉସୀ ମା’ଙ୍କ ମନ୍ଦିର ଦେଇ ଯିବା ସମୟରେ ମନୋରଞ୍ଜନ ପୋଡ଼ପିଠା ମଣୋହି କରୁଥିବାବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ନିକଟକୁ ଆସି ପୋଡ଼ପିଠା ହାଣ୍ଡି ତାଙ୍କଠାରୁ ଛଡ଼ାଇ ନେଉଥିବା ଦେଖିବାକୁ ମିଳିଥିଲା। ଘଟଣା ପରେ ମନୋରଞ୍ଜନ କୁମ୍ଭାରପଡ଼ା ଥାନାରେ ଏକ ଅଭିଯୋଗ କରିଥିବା ଜଣାପଡ଼ିଛି।

## ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ବିକ୍ରି ହେଲା ମହାପ୍ରସାଦ

ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରର ସିଂହଦ୍ୱାର ନିକଟରେ ଏକ ଘଟଣା ଦେଖିବାକୁ ମିଳିଥିଲା, ଯାହାକି ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। କେତେଜଣ ସେବାୟତ ଭକ୍ତମାନଙ୍କୁ ମହାପ୍ରସାଦ ଆଣି ରୋଡ୍ ଉପରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁ ନବଦିନାତ୍ମକ ଯାତ୍ରାରେ ଜନ୍ମବେଦିକୁ ଆସି ଆଡ଼ପମଣ୍ଡପରେ ଅବସ୍ଥାନ କରିବା ପରେ ବାହୁଡ଼ା ଯାତ୍ରା ଅବସରରେ ଭଉଣୀଭାଇଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ମହାପ୍ରଭୁ ରଥ ଉପରକୁ ବିଜେ ହେବା ପୂର୍ବରୁ ନିକଟରେ ଖେଚୁଡ଼ି ମହାପ୍ରସାଦ ଲାଗି ହୋଇଥାଏ। ମହାପ୍ରଭୁ ଖେଚୁଡ଼ି ଖାଇ ଯାତ୍ରାକୁ ଆସିଥାନ୍ତି। ତେଣୁ ମହାପ୍ରଭୁଙ୍କ ନିକଟରେ ଅନ୍ୟକିଛି ଭୋଗ ହୋଇ ନ ଥାଏ। ମାତ୍ର ମହାପ୍ରଭୁ ରଥାରୂଢ ହୋଇ ଶ୍ରୀମନ୍ଦିର ଅଭିମୁଖେ ଆସୁଥିବା ସମୟରେ ଶ୍ରୀଗୁଣ୍ଡିଚା ସିଂହଦ୍ୱାର ନିକଟରେ ମହାପ୍ରସାଦକୁ ରାସ୍ତା କଡ଼ରେ ରଖି ଭକ୍ତମାନଙ୍କୁ ବିକ୍ରି କରିଥିଲେ। ଜଣଙ୍କ ପିଛା ୧୦୦ ଏବଂ ୧୫୦ ଟଙ୍କା ହିସାବରେ ମହାପ୍ରସାଦ ବିକ୍ରି କରିଥିଲେ। ଅବଢ଼ା, ଡାଲି, ବେସର, ମହୁର, କାନିକା, ମିଠା ଡାଲି ଆଦି ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଆନନ୍ଦ ବଜାର ମଧରେ ମହାପ୍ରସାଦ ବିକ୍ରି କରିବା ପାଇଁ ପ୍ରଶାସନ ଅନୁମତି ଦେଇଥିବାବେଳେ ମନ୍ଦିର ବାହାରେ ମହାପ୍ରସାଦ ବିକ୍ରି ଉପରେ କଟକଣା ଜାରି କରିଛି। ତେବେ କେଉଁ ପରିସ୍ଥିତିରେ ଶ୍ରୀଗୁଣ୍ଡିଚା ମନ୍ଦିର ବାହାରେ ସେବକ ମହାପ୍ରସାଦ ବିକ୍ରି କଲେ ତାହାକୁ ନେଇ ପ୍ରଶ୍ନ ଉଠିଛି।

## ୨ ଅଣସେବାୟତଙ୍କ ନାମରେ ଅଭିଯୋଗ ନିମନ୍ତେ ନିର୍ଦ୍ଦେଶ

ରଥ ଉପରକୁ କୌଣସି ଅଣସେବକ ଚଢ଼ିବା ନିଷେଧ ରହିଛି। ଏନେଇ ବ୍ୟତିକ୍ରମ ସାମ୍ନାକୁ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନିର୍ଦ୍ଦିଷ୍ଟ ଭାବେ ୨ ଜଣ ଅନଧିକୃତ ବ୍ୟକ୍ତି ରଥ ଉପରକୁ ଚଢ଼ିଥିବା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି। ସମ୍ପୃକ୍ତ ବ୍ୟକ୍ତି ଜଣେ କେନ୍ଦ୍ର ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଏବଂ ଆଉ ଜଣେ ବେସରକାରୀ/ସମବାୟ ଅନୁଷ୍ଠାନର ଅଧିକାରୀ ବୋଲି ପ୍ରାଥମିକ ସୂଚନା ମିଳିଛି। ଏ ସମ୍ପର୍କରେ ଆବଶ୍ୟକ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ସିଂହଦ୍ୱାର ଥାନାରେ ଅଭିଯୋଗ ଦାଖଲ ପାଇଁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି।

## ଅସ୍ଥାୟୀ ଶୌଚାଳୟ ନ ଥିବାରୁ ଭକ୍ତ ଅସନ୍ତୁଷ୍ଟ

ବାହୁଡ଼ା ଯାତ୍ରା ଅବସରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରଥ ଟାଣିବା ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ଭକ୍ତଙ୍କ ପାଇଁ ବଡ଼ଦାଣ୍ଡ ତଥା ଆଖପାଖ ସ୍ଥାନରେ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ଭକ୍ତମାନେ ସମସ୍ୟାର ସମ୍ମୁଖୀନ ହେବା ସହ ପ୍ରଶାସନର ଏପରି ନିଷ୍ପତ୍ତି ପାଇଁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ତୁଳନାରେ ଶୌଚାଳୟ ସଂଖ୍ୟା ଖୁବ କମ୍ ଥିଲା। ଯାହାଫଳରେ ଶୌଚାଳୟ ନ ପାଇ ରାସ୍ତା କଡ଼ରେ ହିଁ ପରିସ୍ରା ଯିବାକୁ ବାଧ ହେଉଥିଲେ।



ଶରଧାବାଲିରେ ଶ୍ରଦ୍ଧାଳୁମାନେ ନଡ଼ିଆ ଭାଙ୍ଗୁଛନ୍ତି।

## ଧନ୍ୟବାଦ ଜଣାଇଲେ ମୁଖ୍ୟ ପ୍ରଶାସକ

ପବିତ୍ର ବାହୁଡ଼ା ଯାତ୍ରା ଶେଷ କରି ରଥାରୂଢ ଚତୁର୍ଦ୍ଧା ବିଗ୍ରହ ଶ୍ରୀମନ୍ଦିର ସିଂହଦ୍ୱାରରେ ପହଞ୍ଚିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରେ ତାଙ୍କର ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିଥିବାରୁ ସମସ୍ତ ସେବକ, ଶ୍ରୀମନ୍ଦିର ପରିଚାଳନା କମିଟି ସଭ୍ୟ, ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ, ଜିଲା ତଥା ପୋଲିସ ପ୍ରଶାସନ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମ ଏବଂ ସର୍ବୋପରି ଜଗନ୍ନାଥପ୍ରେମୀ ଭକ୍ତବୃନ୍ଦଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଧନ୍ୟବାଦ ଏବଂ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଶେଷକରି ମହାପ୍ରଭୁଙ୍କ ପହଣ୍ଡି ଏବଂ ବାହୁଡ଼ା ଯାତ୍ରାର ନୀତିକାନ୍ତି ସହ ସମ୍ପୃକ୍ତ ଥିବା ଦଇତାପତି ଏବଂ ବିଭିନ୍ନ ସେବକ ନିଯୋଗ ନିଜ ପ୍ରତିଶ୍ରୁତି ରଖି ଅତି ଶୃଙ୍ଖଳିତ ତଥା କର୍ତ୍ତବ୍ୟନିଷ୍ଠ ଭାବେ ମହାପ୍ରଭୁଙ୍କ ସେବା ସମ୍ପାଦନ କରିଥିବାରୁ ମୁଖ୍ୟ ପ୍ରଶାସକ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଶରଧା ବାଲିକୁ ଶ୍ରଦ୍ଧାର ସହ ନେଲେ ଭକ୍ତ



କଥାରେ ଅଛି ବଞ୍ଚିଥିଲେ ବରଷେ, ମରିଗଲେ ପୁରୁଷେ। ତେଣୁ ବାହୁଡ଼ା ଯାତ୍ରାରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ମହାପ୍ରଭୁଙ୍କୁ ଶରଧାବାଲିଠାରେ ରଥାରୂଢ ମହାପ୍ରଭୁଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ରଥ କହେ ମୁଁ ଦେବତା, ପଥ କହେ ମୁଁ ଦେବତା। ଏହି କଥାକୁ ଆଧାର କରି ଅନେକ ଭକ୍ତ ଶରଧାବାଲିକୁ ମହାପ୍ରଭୁଙ୍କ ଆଶୀର୍ବାଦ ତଥା ସ୍ମୃତି ରୂପରେ ସାଥିରେ ନେଇଯାଉଥିବା ଦେଖିବାକୁ ମିଳିଥିଲା। ତିନିରଥ ଶରଧାବାଲିରୁ ଶ୍ରୀମନ୍ଦିର ଅଭିମୁଖେ ଗଡିବା ପରେ ଶରଧାବାଲି ଦେଇ ଗଡ଼ିଯାଇଥିବା ରଥ ଚକ ଗୁଡ଼ିକର ଚିହ୍ନ ରହିଯାଇଥିଲା। ଗହଳି ମଧରେ ରଥକୁ ଛୁଇଁ ନ ପାରିଲେ ମଧ ଯେଉଁ ଶରଧା ବାଲି ଦେଇ ରଥ ଯାଇଛି ସେହି ଶରଧାବାଲିକୁ ଭକ୍ତମାନେ ମୁଣ୍ଡିଆ ମାରି ମହାପ୍ରଭୁଙ୍କ ଆଶୀର୍ବାଦ ନେବା ସହ ତାଙ୍କ ସାଥିରେ ଶରଧା ବାଲିକୁ ନେଇଥିଲେ। କିଏ ବୋତଲରେ ତ’ କିଏ ତା ଗାମୁଛା ଓ ପଣତ କାନିରେ ବାଲି ନେଇ ଭକ୍ତି ଭାବରେ ନିଜକୁ ହଜାଇ ଦେଉଥିବା ଦେଖିବାକୁ ମିଳିଛି। ସେହିପରି ଅନେକ ଭକ୍ତ ଶରଧା ବାଲିରେ ଗଡୁଥିବା ଓ ସାଷ୍ଟାଙ୍ଗ ପ୍ରଣାମ କରୁଥିବା ଦେଖିବାକୁ ମିଳିଥିଲା। ଦୀପ ଓ ନଡ଼ିଆ ବାଢ଼େଇ ନିଜର ଦୁଃଖ ଜଣାଉଥିବା ମଧ ଦେଖିବାକୁ ମିଳିଥିଲା। ସେହିପରି ନାକଚଣା ଦ୍ୱାର ଠାରେ ମନ୍ଦିରକୁ ମୁଣ୍ଡିଆ ମାରି ଭାବ ବିହ୍ୱଳ ହୋଇ ଉଠିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୭।୨୦୨୪

| | |
|---|---|
| ୪,୪୫,୫୬୪ ଟଙ୍କା | |
| ସୁନା | ୧.୧୫୦ ଗ୍ରାମ୍ |
| ରୁପା | ୪୬.୩୦୦ ଗ୍ରାମ୍ |

# ଏସ୍‌ସିବିରେ ନର୍ସିଂ ଅଫିସରଙ୍କୁ ଦୁର୍ବ୍ୟବହାର

କଟକ, ୧୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ନ୍ୟୁ ମେଡିସିନ ବିଭାଗର ଏକ ପ୍ରକୋଷ୍ଠରେ ଜଣେ ନର୍ସିଂ ଅଫିସରଙ୍କୁ ରବିବାର କେତେଜଣ ଡାକ୍ତର ଦୁର୍ବ୍ୟବହାର କରିବା ସହ ତାଙ୍କ ମୋବାଇଲ ଛଡାଇ ନେଇ କବାଟ ବନ୍ଦ କରି ଦେଇଥିବା ଅଭିଯୋଗ ହୋଇଛି। ଏପରି କି ଡାକ୍ତରମାନେ ନର୍ସିଂ ପେସାକୁ ନେଇ ବିଭିନ୍ନ ଆକ୍ଷେପ କରିଛନ୍ତି। ଏନେଇ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ଏସ୍‌ସିବି ଶାଖା ପକ୍ଷରୁ ସୋମବାର ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଉକ୍ତ ଘଟଣାରେ ସମ୍ପୃକ୍ତ ଡାକ୍ତରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ବୁଧବାରଠାରୁ କାର୍ଯ୍ୟବନ୍ଦ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ମୋବାଇଲ ଛଡ଼ାଇ ନେଇ ପ୍ରକୋଷ୍ଠରେ ବନ୍ଦ କଲେ ଡାକ୍ତର

- କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ କାର୍ଯ୍ୟବନ୍ଦ ଚେତାବନୀ
- ତଦନ୍ତ ପାଇଁ କମିଟି ଗଠନ




ସୂଚନା ଅନୁଯାୟୀ, ନ୍ୟୁ ମେଡିସିନ ବିଭାଗରେ ନର୍ସିଂ ଅଫିସର ସେହ୍ନସୁଧା ସାହୁ ରବିବାର ଡ୍ୟୁଟି କରୁଥିଲେ। ଏହି ସମୟରେ ଚିକିତ୍ସାଧୀନ ଜଣେ ରୋଗୀଙ୍କୁ ପ୍ଲାଜ୍‌ମା ଦିଆଯାଇଥାନ୍ତା। ଏନେଇ ସେହ୍ନସୁଧା ଜଣେ ଡାକ୍ତରଙ୍କୁ ଫୋନ୍ କରି ଜଣାଇଥିଲେ। ଉକ୍ତ ଡାକ୍ତର ଜଣକ କିଛି ସମୟ ମଧ୍ୟରେ ବିଭାଗରେ ପହଞ୍ଚିବା ପାଇଁ କହିଥିଲେ। ହେଲେ ସେ ନ ଆସିବାରୁ ପୁଣିଥରେ ସେହ୍ନସୁଧା ତାଙ୍କୁ ଫୋନ କରି କହିଥିଲେ, ପ୍ଲାଜ୍‌ମା ଅଧିକ ସମୟ ବାହାରେ ରହିଲେ ନଷ୍ଟ ହୋଇଯିବ, ତେଣୁ ତୁରନ୍ତ ଆସିଲେ ଏହା ରୋଗୀଙ୍କ ଶରୀରରେ ଲଗାଯାଇପାରିବ। କିଛି ସମୟ ପରେ ଡାକ୍ତର ଜଣକ ବିଭାଗରେ ପହଞ୍ଚିବା ପରେ ରୋଗୀଙ୍କୁ ପ୍ଲାଜ୍‌ମା ଦିଆଯାଇଥିଲା। ପରେ ଏକ ସଂକ୍ରମଣ ଔଷଧ ଉକ୍ତ ରୋଗୀଙ୍କୁ ଦେବା ନେଇ ଡାକ୍ତରଙ୍କୁ ସେହ୍ନସୁଧା ପଚାରିବାରୁ ସେ ଅନୁମତି ଦେଇଥିଲେ। ରାତି ପ୍ରାୟ ୮ଟାରେ ଡ୍ୟୁଟି ସରିବା ପରେ ସେହ୍ନସୁଧା ଏକ ପ୍ରକୋଷ୍ଠରେ ବସିଥିଲେ। ଏହି ସମୟରେ ପ୍ରାୟ ୧୦ଜଣ ଡାକ୍ତର ସେଠାରେ ପହଞ୍ଚି ସେହ୍ନସୁଧାଙ୍କୁ ଦୁର୍ବ୍ୟବହାର କରିଥିଲେ। ନର୍ସିଂ ଅଫିସର ଡାକ୍ତରଙ୍କ ଅଧୀନସ୍ଥ କର୍ମଚାରୀ ବୋଲି କହିବା ସହ ମୋବାଇଲ ଫୋନ୍ ଛଡାଇ ନେଇ ଉକ୍ତ ପ୍ରକୋଷ୍ଠରେ ସ୍ନେହସୁଧାଙ୍କୁ ବନ୍ଦ କରି ଦେଇଥିଲେ। ଏନେଇ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଉକ୍ତ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟି ସଦସ୍ୟ ତଦନ୍ତ କରି ଆସନ୍ତା ୨ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଏହାପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଘଟଣାର ତଦନ୍ତ ପାଇଁ ଅନ୍‌ଲାଇନ୍ ଜରିଆରେ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### କାଡାଭରିକ କିଡ୍‌ନୀ ପ୍ରତିରୋପଣ ପାଇଁ ପ୍ରସ୍ତୁତି

#### ଅଙ୍ଗ ଦାନ ଲାଗି ସହମତି ଦେଲେ ମୃତ ବୀରେନ୍ଦ୍ରଙ୍କ ପରିବାର

କଟକ, ୧୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ କାଡାଭରିକ୍ କିଡ୍‌ନୀ ପ୍ରତିରୋପଣ କରାଯିବ। ଏଥିପାଇଁ ସୋମବାର ବିଳମ୍ବିତ ରାତିରେ ମେଡିକାଲ କର୍ତ୍ତୃପକ୍ଷ ପ୍ରସ୍ତୁତି ଚଳାଇଥିବା ଜଣାପଡିଛି। ଜଗତ୍‌ସିଂହପୁର ଜିଲା ରେଢୁଆ ଅଞ୍ଚଳର ବୀରେନ୍ଦ୍ର ପ୍ରସାଦ ସ୍ୱାଇଁ(୫୮) ରବିବାର ଦୁର୍ଘଟଣାର ଶିକାର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲର ସେଣ୍ଟ୍ରାଲ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସୋମବାର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ଏହାପରେ ମେଡିକାଲ କର୍ତ୍ତୃପକ୍ଷ ବୀରେନ୍ଦ୍ରଙ୍କ ପରିବାରକୁ ଅଙ୍ଗଦାନ ନିମନ୍ତେ ଜଣାଇଥିଲେ। ପରିବାର ଲୋକେ ଏଥିରେ ସହମତି ପ୍ରକାଶ କରିଥିଲେ। ବୀରେନ୍ଦ୍ରଙ୍କ ଶରୀରରୁ ୨ଟି ବୃକକ୍ ଓ ଯକୃତ କଢ଼ାଯିବ। ସେଥିମଧ୍ୟରୁ ଗୋଟିଏ ବୃକକ୍ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ୫ ବର୍ଷର ଶିଶୁରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯିବ। ସେହିପରି ଅନ୍ୟ ଏକ ବୃକକ୍ ଓ ଯକୃତ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ପଠାଯିବ ବୋଲି ଜଣାପଡିଛି।

### ଏସ୍‌ସିବିରେ ଲାଗୁହେଲା ବାୟୋମେଟ୍ରିକ୍ ବ୍ୟବସ୍ଥା

କଟକ, ୧୫।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ପ୍ରଥମ ପର୍ଯ୍ୟାୟରେ ଠିକା କର୍ମଚାରୀ ଓ ମେଡିକାଲ ଷ୍ଟାଫ୍‌ଙ୍କ ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା ସୋମବାରଠାରୁ ଲାଗୁ କରାଯାଇଛି। ଏଥିପାଇଁ ହସ୍ପିଟାଲର ଜଣେ ମ୍ୟାନେଜରଙ୍କୁ ଦାୟିତ୍ୱ ଦିଆଯାଇଛି। ହସ୍ପିଟାଲ ମ୍ୟାନେଜରଙ୍କ ନିର୍ଦ୍ଦେଶ ଅନୁସାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବାୟୋମେଟ୍ରିକ ମେଶିନ ରହିବା ନେଇ ମେଡିକାଲ ପକ୍ଷରୁ ସୂଚନା ରହିଛି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ସୋମବାରଠାରୁ ଏହି ବ୍ୟବସ୍ଥା ଲାଗୁ କରାଯାଇଛି। ଆସନ୍ତା ୭/୮ ଦିନ ମଧ୍ୟରେ ଏହା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବ। ସୂଚନା ଅନୁଯାୟୀ, ଏସ୍‌ସିବିରେ ଠିକା କର୍ମଚାରୀ ଠିକ୍ ଭାବେ ଡ୍ୟୁଟି କରୁନାହାନ୍ତି। ଅନେକ କର୍ମଚାରୀଙ୍କ କେବଳ ନାମ ଲେଖା ହେଉଛି, ହେଲେ ସେମାନେ କାର୍ଯ୍ୟରେ ଯୋଗଦେବାର ଦସ୍ତଖତ ରହୁନାହିଁ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି କର୍ତ୍ତୃପକ୍ଷ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ କରିବା ପାଇଁ ଗତ ୪ ତାରିଖରେ ନୋଟିସ୍ ଜାରି କରିଥିଲେ।

# 'ନିଃଶବ୍ଦ ପାଦଶବ୍ଦ'ରେ ଜୀବନ, ମୃତ୍ୟୁର ରହସ୍ୟ



'ଜୀନରେଖା' ପକ୍ଷରୁ ମଞ୍ଚସ୍ଥ ନାଟକ 'ନିଃଶବ୍ଦ ପାଦଶବ୍ଦ'।

ଭୁବନେଶ୍ୱର, ୧୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ଜୀବନ ରହସ୍ୟମୟ। ମୃତ୍ୟୁ ତା'ଠାରୁ ବେଶି ରହସଜନକ। ଏହି ରହସ୍ୟକୁ ଭେଦିବା ପାଇଁ ମଣିଷ ତତ୍ପର। ଜଣେ ମହାପୁରୁଷ କହିଥିଲେ, ତୁମେ ଯଦି କାହାକୁ ମାରିବାକୁ ଚାହୁଁଛ, ତା'ହାଲେ ତାକୁ ଏ ପୃଥିବୀରେ ବଞ୍ଚିବାକୁ ଛାଡ଼ିଦିଅ। ଦେଖିବ କେମିତି ସେ ତିଳ ତିଳ ହୋଇ ମରିବ। ଏ ପୃଥିବୀ ଆଜି ବିଷାକ୍ତ ପବନରେ ବାରୁଦର ଗନ୍ଧ। ଏତେ ଭାଷା ଏତେ ଶବ୍ଦ ଥାଇ ବି ଜଣେ ଜଣକୁ ବୁଝିପାରେନା। ଏଠି ମଣିଷ ହସେ, ଦୁଃଖକୁ ଲୁଚେଇବାକୁ ଏବଂ ମଣିଷ ବଞ୍ଚେ ମୃତ୍ୟୁର ଅପେକ୍ଷାରେ। ମୃତ୍ୟୁର ପାଦଶବ୍ଦ କେହି ଶୁଣିପାରେନା, ଖାଲି ଅନୁଭବ କରିହୁଏ, ଦେହରେ, ମନରେ, ଆତ୍ମାରେ। ଏଭଳି ଏକ ବାସ୍ତବଧର୍ମୀ ସାମାଜିକ କଥାବସ୍ତୁକୁ ନେଇ ସୋମବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଛି ନାଟକ 'ନିଃଶବ୍ଦ ପାଦଶବ୍ଦ'। 'ଜୀନରେଖା' ପକ୍ଷରୁ ମଞ୍ଚସ୍ଥ ହୋଇଥିବା ଏହି ନାଟକଟିକୁ ରଚନା କରିଛନ୍ତି ଅଜିତ ଦାଶମହାପାତ୍ର। ଅଭିନେତା ଦୀପନ୍ୱିତ ଦାଶମହାପାତ୍ରଙ୍କ ନିର୍ଦ୍ଦେଶନାରେ ଚନ୍ଦନ ଭେଦୁଲା, ଆର୍. ଶ୍ରୀନିବାସ, ଆଶିଷ ରାଉତ, ଶୁଭଶ୍ରୀ ବେଉରା, ଗୋରେଖନାଥ ଶଙ୍ଖୁଆ, ସିଦ୍ଧି ରଂଜନ ନାଗ ପ୍ରମୁଖ ନାଟକରେ ଜୀବନ୍ତ ଅଭିନୟ କରିଥିଲେ। ବିଭାସ ରଥ ଓ ଆର୍ଯ୍ୟ ଆଚାର୍ଯ୍ୟ ସଙ୍ଗୀତ ଦେଇଥିବା ବେଳେ ସଞ୍ଜୟ ସାହା ଆଲୋକ ସମ୍ପାଦନା କରିଥିଲେ। ବିଶ୍ୱଜିତ୍ ରାଉତ ମଞ୍ଚ ସଜାଇଥିଲେ। ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ ଯୁଗଳ ସାହୁ। ପ୍ରଚ୍ଛଦପଟରେ ସନ୍ତୋଷ ମହାପାତ୍ର, ସରୋଜ ଜେନା, ବସନ୍ତ ପାରମାଣିକ, ଚିନ୍ମୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ନାଟକର ସଂଳାପ, ନିର୍ଦ୍ଦେଶନା, ଆଲୋକ ପରିଚାଳନା, ସଙ୍ଗୀତ ସହ କଳାକାରଙ୍କ ଚମତ୍କାର ଅଭିନୟ ପ୍ରାୟ ୨ ଘଣ୍ଟା ଧରି ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା। ଶୋ' ପାଇଁ ଟିକେଟ ହୋଇଥିଲେ ହେଁ ପ୍ରେକ୍ଷାଳୟ ପୂର୍ଣ୍ଣ ହୋଇଯାଇଥିଲା। ନାଟ୍ୟସଂସ୍ଥାର ସଭାପତି ଚିନ୍ମୟୀ ଷଡ଼ଙ୍ଗୀ ଓ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଟିକେଟ କାଟି ନାଟକ ଦେଖିଲେ ଲୋକେ

# ମର୍ନିଂ ୱାକ୍‌ବେଳେ ଟ୍ରକ୍ ଧକ୍କାରେ ବରିଷ୍ଠ ନାଗରିକ ମୃତ

ଭୁବନେଶ୍ୱର, ୧୫।୭ (ସୂର୍ଯ୍ୟକାନ୍ତ ବେହେରା)

ମର୍ନିଂ ୱାକ୍‌ବେଳେ ଏକ ବାଲି ବୋଝେଇ ଟ୍ରକ୍ ଧକ୍କା ଦେବାରୁ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ଘଟିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ଗଣ୍ଡମୁଣ୍ଡା କଳାଭୂମି ନିକଟ ମଧୁସୂଧନ ପାର୍କ ପାଖରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଅଞ୍ଚଳର ସଦାନନ୍ଦ ସ୍ୱାଇଁ(୭୨)। ଦୁର୍ଘଟଣା ପରେ ପୋଲିସ ଟ୍ରକକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ସୋମବାର ସକାଳୁ ସଦାନନ୍ଦ କପିଳପ୍ରସାଦରୁ ବାହାରି ଗଣ୍ଡମୁଣ୍ଡା ଭକ୍ତ ମଧୁସୂଦନ ପାର୍କ ଆଡ଼କୁ ଭ୍ରମଣରେ ଆସୁଥିଲେ। ସେହି ସମୟରେ ଏକ ଟ୍ରକ ଗଣ୍ଡମୁଣ୍ଡା କଳାଭୂମି ନିକଟରେ ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସଦାନନ୍ଦଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକକୁ ଥାନାକୁ ନେଇଥିଲା। ଏଥିସହ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ଅନ୍ୟପଟେ ସହର ଭିତରେ ଭାରିଯାନ ପ୍ରବେଶକୁ ସକାଳ ୭ଟା ପରେ ବାରଣ କରାଯାଇଥିବାବେଳେ ଅମାନିଆ ଚାଳକମାନେ ବେଆଇନ ଭାବେ ଦ୍ରୁତଗତିରେ ଗାଡି ନେଉଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ହୃଦ୍‌ଘାତରେ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ

ଗୋପ, ୧୫।୭ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ କୋଣାର୍କ ରାସ୍ତାର ଶାରଡ଼ା ଛକ ନିକଟରେ ଜଣେ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଆନ୍ଧ୍ରପ୍ରଦେଶର ଇରାମୁତି ପାର୍ବତୀ (୭୮)। ହୃଦ୍‌ଘାତେରେ ତାଙ୍କର ମୃତ୍ୟୁ ଘଟିଥିବା ସୋମବାର ଗୋପ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ, ଆନ୍ଧ୍ରପ୍ରଦେଶ ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ବସ୍‌ରେ ଚାରିଧାମ ପରିଭ୍ରମଣରେ ଆସିଛନ୍ତି। ସୋମବାର ଏହି ପର୍ଯ୍ୟଟକ ଗାଡ଼ିଟି କୋଣାର୍କକୁ ଯାଉଥିବାବେଳେ କୋଣାର୍କ-ଗୋପ ରାସ୍ତାର ଶାରଡ଼ା ଛକ ନିକଟରେ ପାର୍ବତୀଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା। ସାଥୀ ପର୍ଯ୍ୟଟକ ତାଙ୍କୁ ଗାଡ଼ିରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତର ଶିବ ପ୍ରସାଦ ମଙ୍ଗରାଜ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୋପ ଥାନା ଏସ୍‌ଆଇ ବିପ୍ଳବ କୁମାର ପ୍ରଧାନ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଡାକ୍ତରଖାନା ପଠାଇଥିଲେ। ପର୍ଯ୍ୟଟକଙ୍କ ମୃତ୍ୟୁକୁ ନେଇ ଗୋପ ଥାନା ଅପମୃତ୍ୟୁ ମାମଲା ୧୭/୨୪ରେ ରୁଜୁ କରାଯାଇଛି।

# ଅପହୃତା ନାବାଳିକା ମାସେ ପରେ କଣାସରୁ ଉଦ୍ଧାର

ନିମାପଡ଼ା, ୧୫।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳରୁ ଜଣେ ଅପହୃତା ନାବାଳିକାଙ୍କୁ ଦୀର୍ଘ ମାସେ ପରେ ପୋଲିସ କଣାସ ଥାନା ଅଣ୍ଡାଳସିଙ୍ଗ ଗ୍ରାମରୁ ସୋମବାର ଉଦ୍ଧାର କରିଛି। ଅପରହଣକାରୀ ଯୁବକ ମନ୍ଥନ ଦାସ(୧୯)ଙ୍କୁ ଧରି ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ପୋଲିସ ଅପହୃତାଙ୍କ ବୟାନ ରେକର୍ଡ କରିଛି। ଅପହରଣକାରୀ ମନ୍ଥନ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଗତ ଜୁନ୍ ୧୩ ତାରିଖରେ କେଉଁଆଡେ ଅପହରଣ କରିନେଇଥିବା ଅପହୃତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୧୯୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏସ୍‌ଆଇ ଦିଲୀପ ପଣ୍ଡା ବିଶେଷ ସୂତ୍ରରୁ ଖବର ପାଇ କଣାସ ଥାନା ମନ୍ଥନଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଧରିଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜୟପ୍ରକାଶ



@ କଶିସ ହଲନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଳବଣ ନିଷିଦ୍ଧାଞ୍ଚଳରୁ ୭ ମତ୍ସ୍ୟଜୀବୀ ଗିରଫ




ବାଲୁଗାଁ, ୧୫।୭(ସଂଗ୍ରାମ ପାଇକରାୟ)

ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ମାରୁଥିବା ବେଳେ ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ରାଜେଶ କୁମାର ଦାସ(୪୨), କ୍ଷିତୀଶ ଜାଲି(୩୦), ପଦ୍ମଲୋଚନ ଦାସ(୪୨), ସୁଦାମ ଦାସ(୩୬), ମୀନକେତନ ଦାସ(୩୮), ଶରତ ଜାଲି(୪୩) ଏବଂ ରିତୁ ଜାଲି(୨୫)। ଏମାନଙ୍କଠାରୁ ଗୋଟିଏ ଫାଇବର ଡଙ୍ଗା, ୧୭ଟି ଜାଲ ଏବଂ ଦୁଇଟି ମୋବାଇଲ ଫୋନ୍ ଜବତ ହୋଇଛି। ୧୯୭୨ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ବାଲୁଗାଁ ରେଞ୍ଜ ପକ୍ଷରୁ ଏକ ମାମଲା (ନଂ. ୧୩/୨୪) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ମୁତାବକ, ଚିଲିକାରେ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ତଥା ସେମାନଙ୍କ ବିଚରଣରେ ବାଧା ନ ଉପୁଜିବା ପାଇଁ ପକ୍ଷୀ ଅଭୟାରଣ୍ୟ ନଳବଣଠାରୁ ଚିଲିକା ଜଳରାଶିରେ ପ୍ରାୟ ୫ଶହ ମିଟର ଦୂରତାରେ ସିମେଣ୍ଟ ଖୁଣ୍ଟ ପୋତାଯାଇ ଚତୁଃପାର୍ଶ୍ୱ ଅଞ୍ଚଳକୁ ବିଭାଗୀୟ ପକ୍ଷରୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଛି। ଏପରିକି ଚିଲିକା ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକଙ୍କୁ ନଳବଣ ନିଷିଦ୍ଧାଞ୍ଚଳକୁ ପ୍ରବେଶ ଅନୁମତି ଦିଆଯାଇନାହିଁ। ଚିଲିକାରେ ମାଛ ମାରି ପେଟ ପୋଷୁଥିବା ମତ୍ସ୍ୟଜୀବୀଙ୍କୁ ମଧ୍ୟ ପ୍ରବେଶ ନିଷେଧ ରହିଛି। ତେବେ ପକ୍ଷୀ ସମୂହ ମଳତ୍ୟାଗ କରୁଥିବା ଉକ୍ତ ନିଷିଦ୍ଧାଞ୍ଚଳ ଜଳରାଶିରେ ପ୍ରଚୁର ପରିମାଣରେ ମାଛ ଓ କଙ୍କଡ଼ା ଆଦି ରହୁଥିବାରୁ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ପ୍ରବେଶ କରି ମାଛ ମାରିବାକୁ ପଛାଉନାହାନ୍ତି। ଏପରିକି ମାଛ ମାରି ଗିରଫ ହେବା ଘଟଣା ପୂର୍ବରୁ ନଜିର ରହିଛି। ତେବେ ଚିଲିକାରେ ବର୍ତ୍ତମାନ ମାଛ ସଂଖ୍ୟା ହ୍ରାସ ପାଇଥିବା ବେଳେ ନଳବଣ ନିଷିଦ୍ଧାଞ୍ଚଳରେ ପ୍ରବଳ ପରିମାଣରେ ମାଛ ରହୁଥିବାରୁ ମତ୍ସ୍ୟଜୀବୀମାନେ ପରିବାର ପ୍ରତିପୋଷଣ ପାଇଁ ମାଛ ମାରୁଥିବା ଦେଖାଯାଇଛି। ଏପରିସ୍ଥଳେ ସୋମବାର ଅପରାହ୍ନରେ ଉପରୋକ୍ତ ମତ୍ସ୍ୟଜୀବୀମାନେ ଏକ ଡଙ୍ଗାରେ ଯାଇ ନଳବଣ ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବେଳେ ପାଟ୍ରୋଲିଂ କରୁଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗୀୟ ରେଞ୍ଜର ରଶ୍ମିତା ଜେନା ସଦଳବଳ ଚଢ଼ାଉ କରି ସେମାନଙ୍କୁ ଗିରଫ କରିଥିଲେ। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଜିତେନ୍ଦ୍ର ଜେନା, ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ଲିପିନା ପାଇକରାୟ, ଆଲୋକ ବେହେରା ପ୍ରମୁଖ ସାମିଲ ଥିଲେ।

## ରାଜଧାନୀରେ ତାତିଲେ ଲୋକେ

# ଗୋମାଂସ ଭର୍ତ୍ତି ଗାଡ଼ି ଭାଙ୍ଗିଲେ, ଡ୍ରାଇଭରଙ୍କୁ ପିଟିଲେ

ଭୁବନେଶ୍ୱର, ୧୫।୭(ସତ୍ୟଜିତ୍ ରାଉତ/ସୂର୍ଯ୍ୟକାନ୍ତ ବେହେରା)

- ଆକ୍ରମଣରେ ଡ୍ରାଇଭରଙ୍କ ସମେତ ୨ ଲହୁଲୁହାଣ
- ସାକ୍ଷୀଗୋପାଳରୁ ବିଶାଖାପାଟଣା ଚାଲାଣ ହେଉଥିଲା ଗୋମାଂସ

ପୁରୀରୁ ବିଶାଖାପାଟଣା ଗୋମାଂସ ଚାଲାଣବେଳେ ରାଜଧାନୀ ଭୁବନେଶ୍ୱରରେ ଧରାପଡିଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ଗୋମାଂସ ଭର୍ତ୍ତି ଏକ ଟାଟା ଏସିଇ (ଓଡି୦୨ବିକେ୪୯୯୩)କୁ ଭଙ୍ଗାରୁଜା କରିଛନ୍ତି। ଜୟଦେବ ବିହାର କ୍ରାଉନ୍ ହୋଟେଲ୍ ନିକଟ ୧୬ ନଂ. ଜାତୀୟ ରାଜପଥରେ ସୋମବାର ରାତି ପ୍ରାୟ ୧୧ଟା ୩୦ରେ ଏହି ଘଟଣା ଘଟିଛି। ଏପରିକି ଲୋକମାନେ ଡ୍ରାଇଭର ଓ ଅନ୍ୟଜଣେ ସହଯୋଗୀଙ୍କୁ ନିହୁକ ମାଡ ମାରି ଲହୁଲୁହାଣ କରି ପକାଇଛନ୍ତି। ନୟାପଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଡ୍ରାଇଭର ଓ ସହଯୋଗୀଙ୍କୁ ଉଦ୍ଧାର କରିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ନାକେଦମ୍ ହୋଇଥିଲା। ପୋଲିସ ମାଂସଭର୍ତ୍ତି ଗାଡିକୁ ଥାନାକୁ ନେବାକୁ ପ୍ରୟାସ କରିବାବେଳେ ଲୋକେ ତୀବ୍ର ବିରୋଧ କରିଥିଲେ। ଏପିରକି ପୋଡ଼ିଦେବାକୁ ଉଦ୍ୟମ କରିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଗୋମାଂସକୁ ପୁରୀ ଜିଲା ସାକ୍ଷୀଗୋପାଳରୁ ବିଶାଖାପାଟଣା ନିଆଯାଉଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସୂଚନା ଅନୁଯାୟୀ, ଗୋମାଂସ ଗାଡିଟି ପୁରୀ ବାଇପାସ୍ ଦେଇ ଆସୁଥିବା ଗୋରକ୍ଷକ ସମିତି କର୍ମକର୍ତ୍ତା ଖବର ପାଇଥିଲେ। ଗାଡିଟି ପଳାଶୁଣି ଓ ରସୁଲଗଡ଼ ଦେଇ ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବାବେଳେ ସମିତି କର୍ମକର୍ତ୍ତାମାନେ ଏକ ବୋଲେରୋରେ ପିଛା କରିଥିଲେ। ଏହାଦେଖି ଗୋମାଂସ ଗାଡିର ଡ୍ରାଇଭର ଦ୍ରୁତଗତିରେ ଖସି ପଳାଇବାକୁ ଚେଷ୍ଟା କରିଥିଲା। ହେଲେ ଯୁବକମାନେ ହୋହଲ୍ଲା କରି ଗୋଡାଉଥିବାରୁ ଡ୍ରାଇଭର ଅକଳରେ ପଡିଯାଇଥିଲେ। ସେ ଗାଡିଟିକୁ ଜାତୀୟ ରାଜପଥରେ ନ ନେଇ ନୟାପଲ୍ଲୀ ସର୍ଭିସ୍ ରୋଡ୍‌ରେ ପୂରାଇ କଟ୍‌ରେ ପୁଣି ବାଣୀବିହାର ଆଡକୁ ମୁହାଁଇଥିଲେ। ହେଲେ ପିଛା କରୁଥିବା ଯୁବକମାନେ ଉକ୍ତ ଗାଡିକୁ କ୍ରାଉନ୍‌ହୋଟେଲ୍ ସାମ୍ନା ରାସ୍ତାରେ ଅଟକାଇ ଦେଇଥିଲେ। ଏପରିକି ସେଠାରେ ଉପସ୍ଥିତ ଥିବା କେତେଜଣ ସ୍ଥାନୀୟ ଲୋକ ମଧ୍ୟ ଗୋରକ୍ଷକ ସମିତିର ଯୁବକଙ୍କ ସହ ମିଶିଯାଇଥିଲେ। ସମସ୍ତେ ଉକ୍ତ ଗୋମାଂସ ଗାଡିକୁ ଭଙ୍ଗାରୁଜା କରିବା ଆରମ୍ଭ କରିଥିଲେ। ଏଥିସହ ଡ୍ରାଇଭର ଓ ସହଯୋଗୀଙ୍କୁ ନିହୁକ ମାଡ ମାରିଥିଲେ। ଗୋମାଂସ ଚାଲାଣକୁ ବିରୋଧ କରି ଉତ୍ୟକ୍ତ ଲୋକମାନେ ପ୍ରତିବାଦ କରି କିଛି ସମୟ ଧାରଣା ଦେଇଥିଲେ। ଫଳରେ ଜାତୀୟ ରାଜପଥରେ କିଛି ସମୟ ଗାଡିଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଗାଡିଚଳାଚଳ ସ୍ୱାଭାବିକ କରିଥିଲା। ତେବେ ଉକ୍ତ ଟାଟା ଏସିଇ ଗାଡିରେ ପ୍ରାୟ ୫ କୁଇଣ୍ଟାଲ ଗୋମାଂସ ଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା।




### ଭିଡିଓ କଲାବେଳେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

କେତେଜଣ ଯୁବକ ଗୋମାଂସ ଗାଡିରେ ଚଢ଼ି ପ୍ରତିବାଦ କରୁଥିଲେ। ଏହି ସମୟରେ ସେଠାରେ ଜଣେ ଯୁବକ ନିଜ ମୋବାଇଲରେ ଭିଡିଓ ଶୁଟ୍ କରୁଥିଲେ। ଏହା ଦେଖି ଆନ୍ଦୋଳନକାରୀ ଉତ୍ତ୍ୟକ୍ତ ହୋଇ ସଂଘବଦ୍ଧ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଫାଟିଯାଇଥିଲା।

### ଗୋମାଂସ ବେପାରି ସନ୍ଦେହରେ ମୁସଲିମ୍ ବ୍ୟକ୍ତିଙ୍କୁ ମାଡ଼

ଉତ୍ତେଜନା ଲାଗିରହିଥିବା ବେଳେ ସେଠାକୁ ଜଣେ ମୁସଲିମ୍ ବ୍ୟକ୍ତି ଆସିଥିଲେ। ଆନ୍ଦୋଳନକାରୀ ତାଙ୍କୁ ଗୋମାଂସ ବେପାରୀ ବୋଲି ସନ୍ଦେହ କରି ମାଡ ମାରିଥିଲେ। ଏହାଦେଖି ଉପସ୍ଥିତ ପୋଲିସ ତାଙ୍କୁ ଉଦ୍ଧାର କରିଥିଲେ। ହେଲେ ପୋଲିସ ହେପାଜତକୁ ଉକ୍ତ ମୁସଲିମ୍ ବ୍ୟକ୍ତିଙ୍କୁ ଛଡ଼ାଇ ନେଇ ମାଡ ମାରି ଲହୁଲୁହାଣ କରିଥିଲେ।

